
ସମୟ ତରଙ୍ଗ



# ଖରାଦିନ ଖୁସି



**ପ୍ରକୃତିର ଛଅ ଋତୁ ମଧ୍ୟରେ ଗ୍ରୀଷ୍ମ ଋତୁ ଆସିବା ଆଗରୁ ଯେପରି ସମସ୍ତେ ସତର୍କ ହୋଇଯାଆନ୍ତି । ହେଲେ ଗ୍ରୀଷ୍ମ ଋତୁ ଯେ କେବଳ ଖରା ଗରମକୁ ବୁଝାଏ ଏଭଳି ନୁହେଁ । ଏହି ଋତୁରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହିତ ଆହୁରି ଅନେକ କଥା ରହିଛି ଯାହା ଏହାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ ।**

ଧରାରେ ପ୍ରତିବର୍ଷ ଛଅଟି ଋତୁ ଯଥା ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ ଓ ବସନ୍ତ ଅନୁଭୂତ ହୋଇଥାଏ । ପ୍ରତିଟି ଋତୁର ଅନୁଭବ ଭିନ୍ନଭିନ୍ନ ହୋଇଥାଏ । ସେହିଭଳି ମାନବ ସମାଜକୁ ଏକ ସୁସ୍ଥ ପ୍ରାକୃତିକ ବାତାବରଣ ମିଳିବା ପଛରେ ଏହି ଋତୁମାନଙ୍କର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଥାଏ । ତେବେ ସବୁ ଋତୁ ମାନଙ୍କ ଭିତରେ ଗ୍ରୀଷ୍ମର ପ୍ରଭାବ ଅଧିକ ରହିଥାଏ । ଧୀରେଧୀରେ ଏହାର ପ୍ରଭାବ ବଢିବାରେ ମଧ୍ୟ ଲାଗିଛି ଯାହା ଏହାକୁ ବେଶି କଷ୍ଟ ଦାୟକ କରିଚାଲିଛି । ହେଲେ ତାହାରି ଭିତରେ ବି ଗ୍ରୀଷ୍ମ ଋତୁରେ ଏଭଳି କିଛି ମଧ୍ୟ ରହିଛି ଯେଉଁଥିପାଇଁ ସମସ୍ତେ ଏହାକୁ ଅପେକ୍ଷା କରି ରହିଥାଆନ୍ତି । ଗ୍ରୀଷ୍ମ ଋତୁର ପର୍ବପର୍ବାଣୀ, ପିଠା ପଣା ଓ ଫଳମୂଳ ଆଦି ଗ୍ରୀଷ୍ମର ସେହି ଖରାର ଦାରୁଣ କଷ୍ଟକୁ ଭୁଲାଇ ଦେଇଥାଏ । ତେଣୁ ଗ୍ରୀଷ୍ମ ଋତୁ କହିଲେ ଖରାର କଷ୍ଟ ସହିତ ଅନେକ ମଉଜର ସମାହାର । ଗୋଟିଏ ପଟେ ଖବରକାଗଜର ଶିରୋନାମାଗୁଡ଼ିକ ଗ୍ରୀଷ୍ମ ପ୍ରବାହ ଓ ଗୁଲୁଗୁଲିର କଷ୍ଟଦାୟକ ଚିତ୍ର ପ୍ରକାଶ କରୁଥିବା ବେଳେ, ଅନ୍ୟପଟେ ଏହି ଖରାଦିନ ଆମ ସଂସ୍କୃତି ଓ ଜୀବନଶୈଳୀର ଏକ ନିଆରା ଦିଗକୁ ଉଜ୍ଜୀବିତ କରିଥାଏ । ଭାରତରେ ଗ୍ରୀଷ୍ମ ଋତୁ କେବଳ ଏକ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ଏହା ପାଚିଲା ଆମ୍ବର ମିଠା ବାସ୍ନା, କଂସାଏ ଥଣ୍ଡା ପଖାଳ, ଧଳା ସୂତା ପୋଷାକର ଶାଳୀନତା ଏବଂ ସୂର୍ଯ୍ୟାସ୍ତ ପରେ ସହରଗୁଡ଼ିକରେ ଫେରିଆସୁଥିବା ଜୀବନ୍ତ କୋଳାହଳର ଏକ କାହାଣୀ ।

## ଅର୍ଥନୀତିକୁ ମିଳିଥାଏ ନୂଆ ଦିଗ

ଭାରତୀୟ ଗ୍ରୀଷ୍ମଋତୁ କେବଳ ପ୍ରଖର ତାତିର ସମୟ ନୁହେଁ, ବରଂ ଏହା ଏକ 'ସୁବର୍ଣ୍ଣ ଅର୍ଥନୀତି'ର ଋତୁ ବୋଲି ମଧ୍ୟ ବର୍ଣ୍ଣନା କରାଯାଇଥାଏ । ଏହି ଋତୁରେ ଅନ୍ୟଦିନ ଭଳି ଅର୍ଥନୀତିକୁ ମଧ ଆଗକୁ ବଢିଥାଏ । ଏହି ଦିନେ ଫଳର ରାଜା ଆମ୍ବ ଏବଂ ତରଭୁଜର ବିକ୍ରି ଖୁବ ଅଧିକ ବଢିଥାଏ । ଆମ୍ବ ଭାରତୀୟଙ୍କ ପାଇଁ କେବଳ ଏକ ଫଳ ନୁହେଁ, ବରଂ ଏହା ଏକ ଭାବନା ଏବଂ କୋଟି କୋଟି ଟଙ୍କାର ବ୍ୟବସାୟ । ପ୍ରତିବର୍ଷ ଅନେକ ଲୋକ ଗ୍ରୀଷ୍ମ ଋତୁକୁ ଅପେକ୍ଷା କରି ରହିଥାଆନ୍ତି କିଭଳି ଆମ୍ବ ଖାଇବେ । ଏହି ଦିନେ ବିଭିନ୍ନ କିସମ, ଆକାର ଓ ସ୍ୱାଦର ଆମ୍ବ ପ୍ରତିଟି ଭାରତୀୟଙ୍କ ରୋଷେଇ ଘରୁ ନେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପର୍ଯ୍ୟନ୍ତ ସବୁଠି ରାଜ୍ କରିଥାଏ ।









ପରିବାରର ସମସ୍ତ ସଦସ୍ୟ ଏକାଠି ବସି 'ଆମ୍ବ ଖିଆ'ର ଯେଉଁ ପାରମ୍ପରିକ ପର୍ବ ପାଳନ କରନ୍ତି, ତାହା ସାମାଜିକ ସଂପର୍କକୁ ଆହୁରି ନିବିଡ଼ କରିଥାଏ। ଅନ୍ୟପଟେ, ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପ ମଧ୍ୟରେ ରାସ୍ତା କଡ଼ର ତରଭୁଜର ପାହାଡ଼, ସତେଜ କାକୁଡ଼ି ଗାଡ଼ି ଏବଂ ରଙ୍ଗବେରଙ୍ଗର 'ବରଫ ଗୋଲା' ବିକ୍ରେତାମାନେ ଦେଖିବାକୁ ମିଳନ୍ତି । ଯାହା କ୍ଷୁଦ୍ର ବ୍ୟବସାୟୀଙ୍କର ଅର୍ଥନୀତିକୁ ବେଶ ଆଗକୁ ନେଇଥାଏ । ଖରାରେ ଯେତେ କଷ୍ଟ ହେଲେ ବି ସେମାନେ ଏହି ଦିନେ ଭଲ ଦୁଇ ପଇସା ରୋଜଗାର କରନ୍ତି ଯାହା ସେମାନଙ୍କର ଖରା କଷ୍ଟକୁ ଦୂରେଇ ଦେଇଥାଏ । ଭାରତ ବିଶ୍ୱର ସବୁଠାରୁ ବଡ଼ ଆମ୍ବ ଉତ୍ପାଦନକାରୀ ଦେଶ ହୋଇଥିବାରୁ ଏହି ସମୟରେ ହଜାର ହଜାର କୋଟି ଟଙ୍କାର ବ୍ୟବସାୟ ହୋଇଥାଏ, ଯାହା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରେ। ସେହିଭଳି କେବଳ ଫଳ ବଜାର ନୁହେଁ ଖରାଦିନେ ଇଲେକଟ୍ରୋନିକ ବଜାର ମଧ୍ୟ ବେଶ୍ ଆଗକୁ ବଢିଥାଏ । ତାପମାତ୍ରା ବଢ଼ିବା ସହିତ ଏୟାର କଣ୍ଡିସନର ବା ଏସି, ଏୟାର କୁଲର ଏବଂ ରେଫ୍ରିଜିରେଟରର ବିକ୍ରିରେ ପ୍ରାୟ ୩୦% ରୁ ୪୦% ବୃଦ୍ଧି ଘଟିଥାଏ। ଏହି ସମୟରେ ଇଲେକ୍ଟ୍ରୋନିକ୍ସ କମ୍ପାନୀଗୁଡ଼ିକ ସବୁଠାରୁ ଅଧିକ ଲାଭ କରନ୍ତି। ଅନ୍ୟ ବ୍ୟବସାୟ ମଧ୍ୟରେ ଥଣ୍ଡା ପାନୀୟ, ଫଳ ରସ, ଲସି ଏବଂ ଆଇସକ୍ରିମର ଚାହିଦା ଶୀର୍ଷରେ ପହଞ୍ଚିଥାଏ। କେବଳ ବଡ଼ ବ୍ରାଣ୍ଡ ନୁହେଁ, ବରଂ ରାସ୍ତା କଡ଼ରେ ଶରବତ ଓ ବରଫ ଗୋଲା ବିକୁଥିବା ଲକ୍ଷ ଲକ୍ଷ ଛୋଟ ବ୍ୟବସାୟୀଙ୍କ ପାଇଁ ଏହା ରୋଜଗାରର ଶ୍ରେଷ୍ଠ ସମୟ ପାଲଟିଥାଏ । ସେହିଭଳି ଏହି ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗ୍ରୀଷ୍ମକାଳୀନ ଛୁଟି ଯୋଗୁଁ ଲୋକେ ପରିବାର ସହ ପାହାଡ଼ିଆ ଅଞ୍ଚଳ ବା ଶୀତଳ ସ୍ଥାନଗୁଡ଼ିକୁ ଭ୍ରମଣରେ ଯାଆନ୍ତି । ଏହାଦ୍ୱାରା ଟ୍ରାଭେଲ ଏଜେନ୍ସି, ହୋଟେଲ ଏବଂ ସ୍ଥାନୀୟ ପରିବହନ ବ୍ୟବସାୟରେ ବ୍ୟାପକ ଅର୍ଥ କାରବାର ହୋଇଥାଏ ।



## ପର୍ବରେ ମହକିଥାଏ ପୁରପଲ୍ଲୀ

ଭାରତୀୟ ଗ୍ରୀଷ୍ମ ଋତୁ କେବଳ ପ୍ରଖର ରୌଦ୍ରତାପ କିମ୍ବା ଝାଞ୍ଜି ପବନର ସମୟ ନୁହେଁ, ବରଂ ଏହା ଅନେକ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣିର ଏକ ସୁନ୍ଦର ସମାହାର, ଯାହା ଆମ ସଂସ୍କୃତିକୁ ଆହୁରି ଜୀବନ୍ତ ଓ ଋଦ୍ଧିମନ୍ତ କରିଥାଏ । ଏହି ଋତୁର ପ୍ରାରମ୍ଭରେ ଓଡ଼ିଶାରେ 'ପଣା ସଂକ୍ରାନ୍ତି' ବା ମହାବିଷୁବ ସଂକ୍ରାନ୍ତି ଅତ୍ୟନ୍ତ ଆଡ଼ମ୍ବର ସହକାରେ ପାଳିତ ହୁଏ । ଯେଉଁଠାରେ ହନୁମାନଙ୍କ ଜନ୍ମୋତ୍ସବ ସହ ତୁଳସୀ ଚଉରା ମୂଳେ 'ବସୁନ୍ଧରା ଠେକି' ସ୍ଥାପନ କରାଯାଇ ଜଳଦାନର ମହାନ ପରମ୍ପରାକୁ ବଜାୟ ରଖାଯାଏ । ଏହି ଦିନ ବିଭିନ୍ନ ସମାଗ୍ରୀର ପଣାର ନୈବେଦ୍ୟ ଅର୍ପଣ କରାଯାଇ ଓଡ଼ିଆ ନୂତନ ବର୍ଷକୁ ସ୍ୱାଗତ କରାଯାଏ । ଏହା ପରେ ପରେ ଆସେ 'ଅକ୍ଷୟ ତୃତୀୟା', ଯାହା କୃଷକମାନଙ୍କ ପାଇଁ ଅଖିମୁଠି ଅନୁକୂଳର ଶୁଭ ଅବସର ହୋଇଥିବା ବେଳେ ମହାପ୍ରଭୁ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣର ଶୁଭାରମ୍ଭ ମଧ୍ୟ ଏହି ପବିତ୍ର ତିଥିରୁ ହିଁ ହୋଇଥାଏ । ଗ୍ରୀଷ୍ମର ସବୁଠାରୁ ଶୀତଳ ଓ ଦୀର୍ଘ ପର୍ବ ହେଉଛି 'ଚନ୍ଦନ ଯାତ୍ରା' । ଯେଉଁଠି ମହାପ୍ରଭୁଙ୍କୁ ଗ୍ରୀଷ୍ମର ଉତ୍ତାପରୁ ରକ୍ଷା କରିବା ପାଇଁ ସୁଗନ୍ଧିତ ଚନ୍ଦନ ଓ କର୍ପୂର ଲାଗି କରାଯାଇ ନରେନ୍ଦ୍ର ପୁଷ୍କରିଣୀରେ ଭଉଁରୀ ଓ ଚାପ ଖେଳ ମାଧ୍ୟମରେ ଜଳକ୍ରୀଡ଼ା କରାଯାଏ। ସେହିପରି ମା'ମାନଙ୍କର ପ୍ରିୟ ପର୍ବ 'ସାବିତ୍ରୀ ବ୍ରତ'ରେ ସଧବା ନାରୀମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଗ୍ରୀଷ୍ମଋତୁର ତାଜା ଫଳମୂଳ ଯଥା ଆମ୍ବ, ପଣସ ଓ ତାଳସଜ


















ଭୋଗ ଲଗାଇ ନିଷ୍ଠାର ସହ ବ୍ରତ ପାଳନ କରନ୍ତି । ଗ୍ରୀଷ୍ମର ପ୍ରକୋପ ଯେତେବେଳେ ଚରମ ସୀମାରେ ଥାଏ, ସେତେବେଳେ ପାଳନ ହୋଇଥାଏ 'ଶୀତଳ ଷଷ୍ଠୀ', ଯେଉଁଠାରେ ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ . ଏହା ପରେ 'ରଜ ପର୍ବ' ଓଡ଼ିଶାର ଏକ ସ୍ୱତନ୍ତ୍ର କୃଷିଭିତ୍ତିକ ଉତ୍ସବ ବା ଗଣପର୍ବ । ଯେଉଁଠି ପୃଥିବୀ ମାଆଙ୍କୁ ବିଶ୍ରାମ ଦିଆଯାଏ ଏବଂ ପିଠାପଣା ଓ ଦୋଳିର ଆସରରେ ଧରଣୀ ସତେଜ ହୋଇଉଠେ । ଝିଅମାନଙ୍କ ଋତସ୍ରାବକୁ ଏହି ପର୍ବ ପ୍ରତିପାଦିତ କରିଥାଏ, ଯାହା ଓଡିଆ ପରମ୍ପରାର ଏକ ଅନନ୍ୟ ଦିଗ ଦର୍ଶାଇଥାଏ । ଶେଷରେ 'ଦେବସ୍ନାନ ପୂର୍ଣ୍ଣିମା'ରେ ମହାପ୍ରଭୁଙ୍କୁ ସୁନା କୂଅର ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇ ଗ୍ରୀଷ୍ମର ଏହି ପାର୍ବଣ ଋତୁକୁ ଏକ ଆଧ୍ୟାତ୍ମିକ ଶୀର୍ଷରେ ପହଞ୍ଚାଯାଏ । ଏହି ସମସ୍ତ ପର୍ବର ରୀତିନୀତିରେ ଶୀତଳ ଖାଦ୍ୟ, ଜଳଦାନ ଏବଂ ପ୍ରାକୃତିକ ଉପଚାରକୁ ଅତ୍ୟଧିକ ପ୍ରାଧାନ୍ୟ ଦିଆଯାଏ, ଯାହା ମନୁଷ୍ୟକୁ ପ୍ରକୃତିର କଠୋରତା ସହିତ ତାଳମେଳ ରଖି ଜୀବନକୁ ଉପଭୋଗ କରିବା ପାଇଁ ଦୂରଦୃଷ୍ଟିସମ୍ପନ୍ନ ଓ ବୈଜ୍ଞାନିକ ପ୍ରୟାସ ହୋଇଥାଏ ।

## ଗ୍ରୀଷ୍ମ ସ୍ୱାଦ

ଗ୍ରୀଷ୍ମ ଋତୁ କେବଳ ଝାଞ୍ଜି ପବନ ବା ଗରମର ଋତୁ ନୁହେଁ, ବରଂ ଏହା ହେଉଛି ପାରମ୍ପରିକ ପାନୀୟ ଏବଂ ଶରୀରକୁ ଶୀତଳତା ପ୍ରଦାନ କରୁଥିବା ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନର ସମୟ। ଓଡ଼ିଶାର ପଖାଳଠାରୁ ଆରମ୍ଭ କରି ମହାରାଷ୍ଟ୍ରର ଆମ୍ରଖଣ୍ଡ ପର୍ଯ୍ୟନ୍ତ, ଭାରତର ବିଭିନ୍ନ ପ୍ରାନ୍ତରେ ଖାଦ୍ୟ ମାଧ୍ୟମରେ ଗ୍ରୀଷ୍ମକୁ ଉପଭୋଗ କରିବାର ଶୈଳୀ ଅତ୍ୟନ୍ତ ନିଆରା । ଓଡ଼ିଶାର ପଖାଳ କଂସା

ଓଡ଼ିଶାରେ ଗ୍ରୀଷ୍ମ ଋତୁର ନାମ ନେଲେ ପ୍ରଥମେ ମନକୁ ଆସେ 'ପଖାଳ' । ଏହା କେବଳ ଏକ ଖାଦ୍ୟ ନୁହେଁ, ବରଂ ଓଡ଼ିଆ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଂଶ। ବିଶେଷ କରି ଦହି-ପଖାଳ, ଯେଉଁଥିରେ ଭାତ ସହିତ ଦହି, ଭଜା ଜିରା ଗୁଣ୍ଡ, କଞ୍ଚା ଲଙ୍କା ଏବଂ ଲେମ୍ବୁ ପତ୍ର ପଡ଼ିଥାଏ, ତାହା ଶରୀରକୁ ଅପୂର୍ବ ଶାନ୍ତି ପ୍ରଦାନ କରେ। କେବଳ ଦହି ନୁହେଁ ପଖାଳର ବିଭିନ୍ନ ପ୍ରକାର ଓଡିଆ ଘରର ରୋଷେଇ ଘରେ ପ୍ରସ୍ତୁତ ହୋଇଥାଏ । ସେହିଭଳି ଏହି ପଖାଳ କଂସାର ସାଥୀ ସାଜନ୍ତି ବଡ଼ି ଚୁରା, ଶାଗ ଭଜା, ଆଳୁ ଭର୍ତ୍ତା ଏବଂ ମାଛ ଭଜା । ପଖାଳ କଂସାରୁ ଶେଷରେ ପିଇବାକୁ ମିଳୁଥିବା ସେହି 'ତୋରାଣି' ମୁନ୍ଦାକ ଯେକୌଣସି ଶୀତଳ ପାନୀୟଠାରୁ ମଧ୍ୟ ଅଧିକ ତୃପ୍ତିଦାୟକ। ଏହା ବ୍ୟତୀତ ଓଡ଼ିଶାର ପାରମ୍ପରିକ ପାନୀୟ ମଧ୍ୟରେ ବେଲ ପଣା ଏବଂ ଟଙ୍କ ତୋରାଣି ଅତ୍ୟନ୍ତ ଲୋକପ୍ରିୟ। ପଣା ସଂକ୍ରାନ୍ତିଠାରୁ ଆରମ୍ଭ କରି ସାରା ଗ୍ରୀଷ୍ମ କାଳରେ ଛେନା, କଦଳୀ ଏବଂ ଗୋଲମରିଚ ଗୁଣ୍ଡ ମିଶା ବେଲ ପଣା ପ୍ରତିଟି ଘରେ ଏବଂ ରାସ୍ତା କଡ଼ରେ ମିଳିଥାଏ । ଯାହା ପେଟ ସଫା ରଖିବା ସହ ଅଂଶୁ ଘାତରୁ ରକ୍ଷା କରିଥାଏ ।

## ପଶ୍ଚିମ ଓ ଦକ୍ଷିଣ ଭାରତରେ ଆମ୍ବର ଯାଦୁ

ଓଡ଼ିଶା ବାହାରେ ଦେଖିଲେ, ଗୁଜରାଟ ଏବଂ ମହାରାଷ୍ଟ୍ରରେ ଗ୍ରୀଷ୍ମ କାଳ ହେଉଛି ଆମ୍ବର ସମୟ। ସେଠାରେ 'ଆମ୍ରସ' ଏବଂ ପୁରିର ଚଳଣି ବହୁତ ଅଧିକ । ଏହା ସହିତ ଦହିରେ ପ୍ରସ୍ତୁତ 'ଶ୍ରୀଖଣ୍ଡ' ଏବଂ 'ଆମ୍ରଖଣ୍ଡ' ଗ୍ରୀଷ୍ମକାଳୀନ ଭୋଜିର ମୁଖ୍ୟ ଆକର୍ଷଣ । ପାନୀୟ ମଧ୍ୟରେ କୋଙ୍କଣ ଅଞ୍ଚଳର 'ସୋଲ କଢ଼ି', ଯାହା ନଡ଼ିଆ କ୍ଷୀର ଏବଂ କୋକମ୍‌ରୁ ପ୍ରସ୍ତୁତ ହୁଏ, ତାହା ହଜମ ପ୍ରକ୍ରିୟା ପାଇଁ ଉତ୍କୃଷ୍ଟ । ଏହି ସମସ୍ତ ଖାଦ୍ୟ ଗ୍ରୀଷ୍ମର ସ୍ୱ ।ଦୁକ୍ଖୁବ ସ୍ୱ ତନ୍ତ୍ର ଓ ିଛ୍ଆରା କରିଥାଏ । ଦକ୍ଷିଣ ଭାରତର ରାଜ୍ୟ ଯଥା ତାମିଲନାଡୁ ଏବଂ କେରଳରେ 'ତାୟିର ସାଦମ'ର ବହୁଳ ବ୍ୟବହାର ଦେଖିବାକୁ ମିଳେ । ସେଠାରେ ତାଳ ସଜକୁ ଖରାରୁ ରକ୍ଷା ପାଇବା ପାଇଁ ଏକ ପ୍ରାକୃତିକ ଉପାୟ ଭାବେ ଗ୍ରହଣ କରାଯାଇଛି। କେରଳରେ ଜିରା ଏବଂ ପୁଦିନା ପଡ଼ିଥିବା ମୋରୁ ପ୍ରତିଟି ଭୋଜନର ଶେଷରେ ପରଷାଯାଇଥାଏ ।





## ଉତ୍ତର ଭାରତ ମସଲାଦାର ପାନୀୟ

ଉତ୍ତର ଭାରତରେ ପ୍ରବଳ ଗରମ ହେଉଥିବାରୁ ସେଠାରେ ଖାଦ୍ୟାଭ୍ୟାସରେ ତରଳ ପଦାର୍ଥ ଉପରେ ଅଧିକ ଗୁରୁତ୍ୱ ଦିଆଯାଏ । ପଞ୍ଜାବ ଓ ଦିଲ୍ଲୀରେ ଏକ ବଡ଼ ଗ୍ଲାସରେ ମଲାଇ ଦିଆ 'ମିଠା ଲସି' ନ ପିଇଲେ ଖରା ଶେଷ ହୁଏନି । ରାଜସ୍ଥାନ ଏବଂ ହରିୟାଣାରେ ବାଜରା ରାବିଡି ଏବଂ 'ସତ୍ତୁ' ର ଶରବତ ବହୁତ ଲୋକପ୍ରିୟ। ବିହାର ଏବଂ ଉତ୍ତର ପ୍ରଦେଶରେ ସତ୍ତୁ ଖୁବ ପରିଚିତ, ଯାହା ଶରୀରକୁ ଥଣ୍ଡା ରଖିବାରେ ସହାୟକ ହୋଇଥାଏ । ଏହା ବ୍ୟତୀତ 'ଆମ ପାନା' ବା ପୋଡ଼ା ଆମ୍ବର ପଣା ଉତ୍ତର ଭାରତୀୟ ଘରର ଏକ ଅବିଚ୍ଛେଦ୍ୟ ଅଂଶ।





## ଫଳରେ ସ୍ୱତନ୍ତ୍ରତା


ଦେଶର ସବୁ ପ୍ରାନ୍ତରେ ଗ୍ରୀଷ୍ମ ଋତୁରେ ପାଣି ଜାତୀୟ ଫଳର ଚାହିଦା ବଢ଼ିଯାଏ। ତରଭୁଜ, ଖରଭୁଜ, କାକୁଡ଼ି ଏବଂ ନଡ଼ିଆ ପାଣି ସବୁ ସହରର ଛକମାନଙ୍କରେ ସଜା ହୋଇ ରହିଥିବା ଦେଖିବାକୁ ମିଳେ । ପନିପରିବା କଥା କହିଲେ ଜହ୍ନି, ପୋଟଳ ଏବଂ ଲାଉ ଭଳି ହାଲୁକା ଖାଦ୍ୟକୁ ଅଧିକ ପ୍ରାଧାନ୍ୟ ଦିଆଯାଏ, ଯାହା ସହଜରେ ହଜମ ହୋଇପାରିବ ।





## ଡରାଇଥାଏ ଟାଣ ଖରା

ଭାରତୀୟ ଗ୍ରୀଷ୍ମଋତୁରେ 'ହିଟ୍ ୱେଭ୍' ବା ଗ୍ରୀଷ୍ମ ପ୍ରବାହ ବର୍ତ୍ତମାନ ଏକ ସାଧାରଣ ଋତୁଚକ୍ର ପରିବର୍ତ୍ତନ ନହୋଇ ଏକ ଭୟଙ୍କର ସ୍ୱାସ୍ଥ୍ୟ ସଙ୍କଟ ଭାବେ ଉଭା ହୋଇଛି। ଯାହା ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଉଛି ।ଯେତେବେଳେ ବାୟୁମଣ୍ଡଳର ତାପମାତ୍ରା ସ୍ୱାଭାବିକ ସ୍ତରଠାରୁ ଯଥେଷ୍ଟ ଅଧିକ ହୋଇ ପ୍ରାୟ ୪୦ରୁ ୪୫ ଡିଗ୍ରୀ ସେଲସିୟସ୍ ଟପିଯାଏ, ସେତେବେଳେ ଆମ ଶରୀର ଏହି ପ୍ରଖର ତାତି ସହ ତାଳମେଳ ରଖିବାରେ ବିଫଳ ହୋଇଥାଏ । ଏହାର ସବୁଠାରୁ ମାରାତ୍ମକ ପ୍ରଭାବ ହେଉଛି 'ଅଂଶୁଘାତ' ବା ହିଟ୍-ଷ୍ଟ୍ରୋକ୍, ଯେଉଁଥିରେ ଶରୀରର ଆଭ୍ୟନ୍ତରୀଣ ତାପମାତ୍ରା ନିୟନ୍ତ୍ରଣ ବାହାରକୁ ଚାଲିଯାଏ ଏବଂ ମସ୍ତିଷ୍କ ସମେତ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ କ୍ଷତିଗ୍ରସ୍ତ ହୁଏ। ଅତ୍ୟଧିକ ତାତି ଯୋଗୁଁ ଶରୀରରୁ ପ୍ରଚୁର ପରିମାଣରେ ଝାଳ ବୋହିବା ଫଳରେ ଜଳୀୟ ଅଂଶ ଏବଂ ଜରୁରୀ ଲବଣ କମିଯାଏ, ଯାହାକୁ 'ଡିହାଇଡ୍ରେସନ୍' କୁହାଯାଏ; ଏହା ଦ୍ୱାରା ମୁଣ୍ଡ ବୁଲାଇବା, ପ୍ରବଳ ଦୁର୍ବଳତା ଅନୁଭବ ହେବା, ରକ୍ତଚାପ କମିଯିବା ଏବଂ ମାଂସପେଶୀରେ ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଦିଏ । ଏହି ସ୍ଥିତିରେ ହୃଦୟକୁ ଶରୀର ଥଣ୍ଡା ରଖିବା ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ, ଯାହା ହୃଦ୍‌ରୋଗୀଙ୍କ ପାଇଁ ଜୀବନ ପ୍ରତି ବିପଦ ସୃଷ୍ଟି କରେ । ସେହିପରି ବୃକକ୍ ବା କିଡନୀ ଉପରେ ମଧ୍ୟ ଏହାର ଗୁରୁତର ପ୍ରଭାବ ପଡ଼ିଥାଏ, ଯାହା ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇପାରେ । ବିଶେଷ କରି ଶିଶୁ, ବୃଦ୍ଧ, ଗର୍ଭବତୀ ମହିଳା ଏବଂ ବାହାରେ କାମ କରୁଥିବା ଶ୍ରମିକ ଓ ଟ୍ରାଫିକ ପୋଲିସମାନେ ଏହାର ଶିକାର ହେବାର ସମ୍ଭାବନା ସବୁଠାରୁ ଅଧିକ ଥାଏ । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏହି ଗ୍ରୀଷ୍ମ ପ୍ରବାହର ସମୟସୀମା ଓ ତୀବ୍ରତା ଦିନକୁ ଦିନ ବୃଦ୍ଧି ପାଉଥିବାରୁ, ଏଥିରୁ ରକ୍ଷା ପାଇବା ପାଇଁ ପ୍ରଚୁର ପାଣି ପିଇବା, ଓଆରଏସ୍ ବ୍ୟବହାର କରିବା, ହାଲୁକା ସୂତା ପୋଷାକ ପିନ୍ଧିବା ଏବଂ ମଧ୍ୟାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଜରୁରୀ କାମ ନଥିଲେ ବାହାରକୁ ନବାହାରିବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସଚେତନ କରିଥାନ୍ତି । ଏହି ପ୍ରାକୃତିକ ବିପତ୍ତିକୁ ଏଡ଼ାଇବା ପାଇଁ କେବଳ ବ୍ୟକ୍ତିଗତ ସଚେତନତା ନୁହେଁ, ବରଂ ବ୍ୟାପକ ବୃକ୍ଷରୋପଣ ଏବଂ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଆଜିର ସମୟରେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି ।











# ସମର ଫାବ୍ରିକ

**ଖରାଦିନେ ଆମେ ଏମିତି କପଡ଼ା ବାଛିବା ଉଚିତ ଯାହା ଶରୀରରୁ ବାହାରୁଥିବା ଝାଳକୁ ଶୁଖାଇବା ସହିତ ଆରାମ ମଧ୍ୟ ପ୍ରଦାନ କରିବ । ସେହିଭଳି ଏଗୁଡିକ ଷ୍ଟାଇଲିସ ବି ହୋଇଥିବାର ଆବଶ୍ୟକତା ଅଛି । ଆସନ୍ତୁ ଜାଣିବା ସେହିଭଳି କିଛି ଫାବ୍ରିକ ସମ୍ପର୍କରେ ।**

## ସୂତା କପଡ଼ା

ଖରାଦିନ ପାଇଁ ସୂତା କପଡ଼ା ସବୁଠାରୁ ଭଲ ଅପସନ । ଏହା ହାଲୁକା ହୋଇଥାଏ ଏବଂ ଏଥିରେ ଶରୀରକୁ ଆରାମ ମିଳିଥାଏ । ଏହା ଝାଳ ଶୁଖାଇବାରେ ସବୁଠାରୁ ଆଗରେ, ଯାହା ଶରୀରକୁ ଥଣ୍ଡା ରଖେ । ସେହିଭଳି କଟନରେ ବିଭିନ୍ନ ପ୍ରକାର ଡ୍ରେସ ମେଟେରିଆଲ ରହିଛି ଯାହା ଆପଣଙ୍କୁ ଏକ ଷ୍ଟାଇଲିସ ଲୁକ ମଧ୍ୟ ପ୍ରଦାନ କରିବ ।

## ଲିନେନ୍

ଏହି କପଡ଼ା ପ୍ରାକୃତିକ ତନ୍ତୁରୁ ପ୍ରସ୍ତୁତ । ଲିନେନ୍ କପଡ଼ା ଖୁବ୍ ଶୀଘ୍ର ଶୁଖିଯାଏ ଏବଂ ଶରୀରରେ ଲାଗେ ନାହିଁ । ଅଫିସିଆଲ୍ ଲୁକ୍ ପାଇଁ ଲିନେନ୍ ସାର୍ଟ ବା କୁର୍ତ୍ତା ସବୁଠାରୁ ଭଲ ଅପସନ । ଏହାକୁ ଆପଣ ସ୍କର୍ଟ ଓ ଜିନ୍ସ ଉଭୟ ସହିତ ପେୟାର କରିପାରିବେ ।

## ଖଦି

ଓଡ଼ିଶାର ପାଣିପାଗ ପାଇଁ ଖଦି ପୋଷାକ ଅତ୍ୟନ୍ତ ଉପଯୋଗୀ । ଏହା ଶୀତ ଦିନେ ଉଷୁମ ଏବଂ ଖରା ଦିନେ ଶରୀରକୁ ଶୀତଳତା ପ୍ରଦାନ କରିଥାଏ । ହ୍ୟାଣ୍ଡଲୁମ୍ କପଡ଼ା ହୋଇଥିବାରୁ ଏହା ଚର୍ମ ପାଇଁ ମଧ୍ୟ ନିରାପଦ । ଏହାର ମଧ୍ୟ ବିଭିନ୍ନ ରଙ୍ଗ ସହିତ ଡିଜାଇନ ମିଳିଥାଏ ଯାହା ଖୁବ ସୁନ୍ଦର ହୋଇଥାଏ ।

## ସିଫନ୍

ସିଫନ୍ ଶାଢ଼ି ବା ଡ୍ରେସ୍ ଗ୍ରୀଷ୍ମ ଋତୁରେ ବହୁତ ଆରାମଦାୟକ ହୋଇଥାଏ । ଏହା ଅତ୍ୟନ୍ତ ହାଲୁକା ଏବଂ ଏଥିରେ ବିଭିନ୍ନ ପ୍ରକାରର ଫ୍ଲୋରାଲ୍ ପ୍ରିଣ୍ଟ ମଧ୍ୟ ମିଳିଥାଏ ଯାହା ଆଖିକୁ ଶାନ୍ତି ଦିଏ । ଯାହାର ରଙ୍ଗ ପସନ୍ଦ ସେମାନଙ୍କ ପାଇଁ ଏହା ଏକ ଭଲ ଅପସନ ।

## ରେୟନ୍

ଏହା ସମ୍ପୂର୍ଣ୍ଣ ସୂତା ନହେଲେ ମଧ୍ୟ ଏହାର ଗୁଣ ସୂତା କପଡ଼ା ସହିତ ସମାନ । ଏହା ଦେଖିବାକୁ ସିଲ୍କ ପରି ଚିକ୍କଣ କିନ୍ତୁ ପିନ୍ଧିଲେ ଥଣ୍ଡା ଲାଗେ । ସ୍ପୋର୍ଟସ୍ ୱେୟାର ବା କାଜୁଆଲ୍ ଡ୍ରେସ୍ ପାଇଁ ଏହା ବହୁଳ ଭାବେ ବ୍ୟବହାର ହୁଏ ।














# ମୃଣାଳ

www.mrinalch-
-atterjee.com

## ମାଛ ଗପ

ଲୋକଟିଏ ନଈ କୂଳରେ ବସିଥିଲା । ତା' ସାମ୍ନାରେ ଗୋଟେ ମାଛ ମରି ପଡିଥିଲା । ଜଣେ ଗ୍ରାମବାସୀ ଆସି ତାକୁ ପଚାରିଲା, ଭାଇ ତମେ ଏଠି ବସି କ'ଣ କରୁଛ ? ଲୋକଟି କହିଲା, ଚୁପ ବଡ଼ ପାଟିରେ କଥା କୁହନି । ଏ ମାଛଟା ନଈ ପାଣିରେ ବୁଡି ଯାଉଥିଲା । ମୁଁ ତାକୁ ବଞ୍ଚେଇଲି । କୂଳରେ ଆଣି ରଖିଲି । ବଞ୍ଚି ଯିବା ଖୁସିରେ ମାଛଟା ଘଣ୍ଟାଏ ଧରି ଏଠି ଡ଼େଇଁ ଡେଇଁ ନାଚିଲା । ଏବେ ଥକି ଯାଇ ଶୋଇ ପଡ଼ିଛି । ତମେ ଯାଅ । ତାକୁ ଡିଷ୍ଟର୍ବ କରନି । ଏ ଗପରେ ମାଛ ହେଲୁ ଆମେ - ସାଧାରଣ ଜନତା । ଆମକୁ ବଞ୍ଚେଇବା ପାଇଁ ପାଣିରୁ ଆଣି କୂଳରେ ଛାଡିଥିବା ଲୋକଟି କିଏ ତାହା - ଆପଣ ଜାଣିପାରିଲେଣି ନା ମୋତେ କହିବାକୁ ପଡିବ ?




# ଏକ ଅଧୈର୍ଯ୍ୟ ପ୍ରଜନ୍ମ

ଆଜିକାଲି ଆମ ସାମଗ୍ରିକ ସାମାଜିକ ଜୀବନରୁ ଧୈର୍ଯ୍ୟ ଯେମିତି କମିଯାଉଛି, ବିଶେଷ କରି ତରୁଣ ପ୍ରଜନ୍ମ ଭିତରେ । ଶୁଦ୍ଧ ବାୟୁ ବା ନିର୍ମଳ ଜଳ ଭଳି ଧୈର୍ଯ୍ୟବାନ ତରୁଣ ବା ଧୈର୍ଯ୍ୟଶୀଳା ତରୁଣୀଟିଏ ପାଇବା ବଡ ମୁସ୍କିଲ ହୋଇଗଲାଣି । ଯେତେବେଳେ ଦେଖ, ସେମାନେ ସବୁବେଳେ ବ୍ୟସ୍ତ ଥିଲା ଭଳି ଲାଗୁଛନ୍ତି । ପ୍ଲାଟଫର୍ମରେ ଟ୍ରେନକୁ ଅପେକ୍ଷା କରିଛନ୍ତି, ଆନାଉନ୍ସମେଣ୍ଟ ହେଉଛି ଯେ ଟ୍ରେନ ଆସୁଛି ବା ଆସିବ, ତଥାପି ସେମାନେ ୨୫ ଥର ପ୍ଲାଟଫର୍ମ ଧାରକୁ ଯାଇ ବାଁ ଆଡକୁ ଡାହାଣ ଆଡକୁ ଚାହିଁବେ ଯେ ଟ୍ରେନଟା ଆସିଲା ନା ନାହିଁ । ଗୋଟିଏ ମୁହୂର୍ତ୍ତ ସ୍ଥିର ହୋଇ ବସିପାରିବେନି । ଚା' ବି ଯଦି ପିଇବେ ସେତେବେଳେ ତୁରନ୍ତ ପ୍ଲେଟରେ ଢାଳି ଶୀଘ୍ର ଶୀଘ୍ର ପିଅ । ଗୋଟେ ତରକାରୀ ହେବାପାଇଁ ଯେତିକି ସମୟ ଲାଗିବ ତାକୁ ଦେବାପାଇଁ ସେମାନେ ପ୍ରସ୍ତୁତ ନୁହଁନ୍ତି - ଫାଷ୍ଟ ଫୁଡ ଦରକାର । ଆଜିକାଲି ସେମାନେ ଜୋତା ବି ଲେସବାଲା ପିନ୍ଧୁନାହାନ୍ତି । ଜୋତା ପିନ୍ଧିବାରେ ବି ଲେସ୍ ଲଗେଇବାରେ ସମୟ ଚାଲିଯାଉଛି । ସ୍ଲିପନ ପିନ୍ଧିକରି ଯାଉଛନ୍ତି । ସେମାନେ ଖେଳୁ ନାହାନ୍ତି | ଖେଳିବାଟା ବି ସମୟ ନଷ୍ଟ ବୋଲି ଭାବୁଛନ୍ତି । ସେମାନେ ସକାଳେ ଉଠିପାରୁ ନାହାନ୍ତି । ମର୍ଣ୍ଣିଂ ୱାକ୍‌ଟାକୁ ସେମାନଙ୍କର ସମୟ ନଷ୍ଟ ଭଳିଆ ଲାଗୁଛି । ସେମାନେ ଫୁଲକୁ ଦେଖୁ ନାହାନ୍ତି । ଫୁଲକୁ କ୍ୟାମେରାରେ ବନ୍ଦୀ କରି ରଖିବା ପାଇଁ ଚାହୁଁଛନ୍ତି । ଝରଣାର ଶବ୍ଦକୁ ଶୁଣୁ ନାହାନ୍ତି । ଝରଣାର ଭିଡିଓ ଉଠେଇକି ରିଲ୍ ତିଆରି କରୁଛନ୍ତି । ଗୋଟେ ଅଧର୍ଯ୍ୟ ପ୍ରଜନ୍ମ ତିଆରି ହେଇଛି । ଆଉ ଏତେ ତରବର ହେଇ, ଏତେ ଅଧୈର୍ଯ୍ୟ ହେଇ ସେମାନେ ଯେଉଁ ସମୟତକ ବଞ୍ଚାନ୍ତି ସେ ସମୟକୁ କେଉଁଥିରେ ବିନିଯୋଗ କରନ୍ତି? ଲକ୍ଷ କଲେ ଦେଖିବେ, ସେମାନଙ୍କର ଅଧା ସମୟ ମୋବାଇଲର ପରଦାରେ ମୁଣ୍ଡ ଗୁଞ୍ଜି ଚାଲିଯାଉଛି । ଆଜିକାଲି ଯେଉଁମାନଙ୍କୁ ଜେନେରେସନ-ଜି (୧୯୯୭ରୁ ୨୦୧୨ଭିତରେ ଜନ୍ମ) ବା ଜେନେରେସନ ଆଲ୍‌ଫା (୨୦୧୨-୨୦୨୬ ଭିତରେ ଜନ୍ମ) କୁହାଯାଉଛି, ସେମାନଙ୍କର ହାରାହାରି ସ୍କ୍ରିନ ଟାଇମ୍ (ଯେତିକି ସମୟ ସ୍କ୍ରୋଲ କରୁଛନ୍ତି) ଦଶଘଣ୍ଟାରୁ ଉପରେ ହେଲାଣି । ମୋବାଇଲ ପରଦାରେ ମୁଣ୍ଡପୋତି ଜୀବନ ଯାଉଛି । ଜୀବନକୁ ବଞ୍ଚିବା ପାଇଁ, ଜୀବନକୁ ଉପଭୋଗ କରିବାପାଇଁ ଯେଉଁ ମନ୍ଦ ଗତି ଦରକାର, ହିନ୍ଦୀରେ ଗୋଟେ ଶବ୍ଦ ଅଛି ଠେହରାଓ । ଠେହରାଓ ଅର୍ଥ ହେଲା ସ୍ଥିରତା । ତାହା ଏ ପ୍ରଜନ୍ମ ଭିତରେ ନାହିଁ । ସବୁଥିରେ ତରବର । ସବୁକିଛି ଶୀଘ୍ର ଦରକାର । ଏଇ ଶୀଘ୍ରତାର ଲୋଭରେ ସେମାନେ ବଞ୍ଚିବାର ପ୍ରକୃତ ମଜା ବୋଧହୁଏ ଉପଭୋଗ କରିପାରୁ ନାହାନ୍ତି କିମ୍ବା ବୋଧହୁଏ ଆମେ ଯେଉଁମାନେ ଜୀବନର ମଧ୍ୟାହ୍ନରେ ବା ଅପରାହ୍ନରେ ପହଞ୍ଚିଲୁଣି ଆମେ ନୂଆ ପ୍ରଜନ୍ମର ଜୀବନ ଜିଇଁବାର ନୂଆ କୌଶଳକୁ ଠିକ୍ ଭାବରେ ବୁଝି ପାରୁ ନାହିଁ ।




## ମାଙ୍କଡମାନଙ୍କୁ ଖାଇବାକୁ ଦିଅନି

ପରିବେଶ ଓ ବନ୍ୟପ୍ରାଣୀ କ୍ଷେତ୍ରରେ କାମ କରନ୍ତି ଶୁଭେନ୍ଦୁ ମଲ୍ଲିକ । ସେ ତାଙ୍କ ସାମାଜିକ ଗଣମାଧ୍ୟମ ମଞ୍ଚରେ ଗୋଟେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଲେଖିଛନ୍ତି । ପଢନ୍ତୁ । ମାଙ୍କଡମାନେ ବନ୍ୟପ୍ରାଣୀ । ବନ୍ୟପ୍ରାଣୀଙ୍କୁ ଆମେ ଖାଇବାକୁ ଦେବା ପାଇଁ ବନ୍ୟପ୍ରାଣୀ ଆଇନରେ ମନା କରାଯାଇଛି । ବନ ବିଭାଗ ତରଫରୁ ଅନେକ ସ୍ଥାନରେ ମାଙ୍କଡମାନଙ୍କୁ କୌଣସି ଖାଦ୍ୟ ନ ଦେବା ପାଇଁ ପୋଷ୍ଟର ଏବଂ ବ୍ୟାନର ମଧ୍ୟ ଲଗା ଯାଇଛି । ତଥାପି ଅନେକ ବ୍ୟକ୍ତି ମାଙ୍କଡଙ୍କୁ ଖାଇବାକୁ ଦେଇ କି ସୁଖ ପାଆନ୍ତି କେଜାଣି ! ଯଦି କାହାର ଦମ୍ ଅଛି ଜଙ୍ଗଲର ହାତୀ ଖାଇବାକୁ ପାଉ ନାହାନ୍ତି, ହାତୀଙ୍କୁ ଖାଇବାକୁ ଦେବେ କି ?



## 'ସ୍ତମ୍ଭକାର' ଦିବସ

ଏପ୍ରିଲ ୧୮ ତାରିଖ ଥିଲା 'ସ୍ତମ୍ଭକାର ଦିବସ' । ଇଂରାଜୀରେ କହିଲେ 'କଲମନିଷ୍ଟ ଡେ' । ସ୍ତମ୍ଭ ହେଲା ଜଣେ ଲେଖକଙ୍କ ଖବରକାଗଜ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିବା ନିୟମିତ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ବା ଧାରାର ଲେଖା, ଯେମିତି 'ପଥେ ପ୍ରାନ୍ତରେ' । ଏହା ସାମ୍ପ୍ରତିକ ପ୍ରସଙ୍ଗର ବିଶ୍ଳେଷଣ ହୋଇପାରେ, କୌଣସି ଘଟଣା ବା ବିଷୟ ଉପରେ ମତ ବା ମନ୍ତବ୍ୟ ହୋଇପାରେ ବା ଆହୁରି ଅନେକ କିଛି ହୋଇପାରେ । ବିଷଦ ଜାଣିବା ପାଇଁ ମୋ ବହି 'ଗଣମାଧ୍ୟମ ଓ ସାମ୍ବାଦିକତା' ପଢନ୍ତୁ । ଏଠି ବିସ୍ତୃତ ଲେଖିବା ପାଇଁ ସ୍ଥାନର ଅଭାବ । ସ୍ତମ୍ଭ ଲିଖନର ଧାରା ବହୁ ପ୍ରାଚୀନ । 'ସ୍ତମ୍ଭକାର ଦିବସ' ପାଳନର ଆରମ୍ଭ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ । ପୁଲିତଜର ପୁରସ୍କାରପ୍ରାପ୍ତ ଆମେରିକୀୟ ସାମ୍ବାଦିକ ଆର୍ନେଷ୍ଟ ଟେଲର ପାଇଲାଙ୍କ ସ୍ମୃତିରେ । ସେ ବିଭିନ୍ନ ବିଷୟରେ ଲେଖିବା ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସୈନିକମାନଙ୍କର ଦୁଃଖଭରା କାହାଣୀ ଖବରକାଗଜ ସ୍ତମ୍ଭରେ ସ୍ଥାନ ଦେଉଥିଲେ । ଯୁଦ୍ଧସ୍ଥଳରେ ଖବର ସଂଗ୍ରହ କରିବା ଅବସ୍ଥାରେ ମାତ୍ର ୪୫ ବର୍ଷ ବୟସରେ ଶତ୍ରୁପକ୍ଷ ଗୁଳିରେ ପ୍ରାଣ ହରେଇଲେ । ଦିନଟି ଥିଲା ଏପ୍ରିଲ୍ ୧୮ ।




## ଏପ୍ରିଲ ଶେଷ ବେଳକୁ...

ଏପ୍ରିଲ ଶେଷ ବେଳକୁ ସୂର୍ଯ୍ୟଦେବ ଆମକୁ ଡିପ-ଫ୍ରାଏ କରିବା ମୁଡକୁ ଆସିଗଲେଣି । କୁକୁଡ଼ା ପେଟରୁ ଡାଇରେକ୍ଟ ସିଝା ଅଣ୍ଡା ବାହାରୁଛି । ଏପ୍ରିଲ ଶେଷ ବେଳକୁ ଫ୍ୟାନ ପବନ ପିଲାବେଳେ ମା' ଗାଳିମାଡ଼ ଭଳିଆ ହୋଇ ଗଲାଣି, ଦେହକୁ ଲାଗୁନି । ଦେହ ଏସି ପବନ ଖୋଜୁଛି । ଇଆଡ଼େ ବିଜୁଳି ବିଲ ନାଲି ଆଖି ଦେଖାଉଛି । ମଣିଷ କରିବ କ'ଣ ! ଏପ୍ରିଲ ଶେଷ ବେଳକୁ ଖରା ଗୁଳୁଗୁଳିରେ କଟକର ଭିଡ଼ ରାସ୍ତାରେ ଗଲାବେଳକୁ ମୁଁ ପିଲାଦିନୁ ଜାଣିଥିବା ଗାଳିଗୁଡ଼ାକ ମୋତେ କହୁଛନ୍ତି: ଏବେ ଆମକୁ କାହିଁକି ବ୍ୟବହାର କରୁନ ! ଏପ୍ରିଲ ଶେଷ ବେଳକୁ ମନ ଖୋଜୁଛି ବର୍ଷା, ବର୍ଷା ବର୍ଷକୁ ବର୍ଷ ଅଧିକ ଭାଉ ଖାଉଛି, ଅଧିକ ଫୁଟେଜ ଖାଉଛି । କିନ୍ତୁ ଏଯାଏଁ ଆସୁଛି ନିଶ୍ଚୟ । ଏବର୍ଷ କ'ଣ କରିବ, କେବେ ଆସିବ - ତାହା ତା'ର ସ୍ୱର୍ଶ-କାତର ମନ ଉପରେ ନିର୍ଭର କରେ । ତୁଛାକୁ ଆଉ କ'ଣ ଇଂରାଜୀ କବି ଟିଏସଏଲିଅଟ କହିଥିଲେ, ଏପ୍ରିଲ ଇଜ ଦି କ୍ରୁୟେଲେଷ୍ଟ ମନ୍ଥ । ଏପ୍ରିଲ ହେଲା ସବୁଠାରୁ ନିର୍ଦ୍ଦୟ ମାସ ।



# ଐଶ୍ୱର୍ଯ୍ୟାଙ୍କ ସରପ୍ରାଇଜ



ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ନିଜ ଝିଅ ଆରାଧ୍ୟାଙ୍କୁ ସ୍କୁଲ ଟ୍ରିପ୍‌ରୁ ଫେରିବା ସମୟରେ ମୁମ୍ବାଇ ଏୟାରପୋର୍ଟରେ ସରପ୍ରାଇଜ୍ ଦେଇଥିବା ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି । ଭିଡିଓରେ ସେ ଜଣେ ସାଧାରଣ ମା' ଭଳି ନିଜ ଝିଅର ଫଟୋ ଉଠାଇବା ସହ ତାଙ୍କ ସାଙ୍ଗମାନଙ୍କ ପାଇଁ ଫଟୋଗ୍ରାଫର ସାଜିଥିବା ଦେଖିବାକୁ ମିଳିଛି । ଅଭିଷେକ ବଚ୍ଚନ ପୂର୍ବରୁ ଅନେକ ସାକ୍ଷାତକାରରେ ଐଶ୍ୱର୍ଯ୍ୟାଙ୍କୁ ଜଣେ ଦାୟିତ୍ୱବାନ ମା' ଭାବେ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ଐଶ୍ବର୍ଯ୍ୟଙ୍କ ଏହି ଭିଡିଓ ଏହାକୁ ପ୍ରମାଣ ଦେଇଛି ବୋଲି ଫ୍ୟାନମାନେ ମତ ରଖିଛନ୍ତି । ୨୦୦୭ରେ ବିବାହ ଏବଂ ୨୦୧୧ରେ ଆରାଧ୍ୟାଙ୍କ ଜନ୍ମ ପରଠାରୁ ଐଶ୍ୱର୍ଯ୍ୟା ନିଜ କ୍ୟାରିୟର ଅପେକ୍ଷା ଝିଅର ଲାଳନପାଳନ ଉପରେ ଗୁରୁତ୍ୱ ଦେଉଛନ୍ତି । ତାଙ୍କୁ କିଭଳି ଏକ ସାଧାରଣ ପିଲା ଭଳି ବଞ୍ଚିବାର ସୁଯୋଗ ଦେବା ଏହା ଉପରେ ସେ ଅଧିକ ଗୁରୁତ୍ୱ ଦେଇ ଆସୁଛନ୍ତି । ଯାହାଙ୍କର ଏହି ନିଆରା ଅନ୍ଦାଜକୁ ଏବେ ପ୍ରଶଂସକମାନେ ଖୁବ୍ ପସନ୍ଦ କରୁଛନ୍ତି ।

# କାନ୍ଦିଲେ ଜେନେଲିଆ



ମୁମ୍ବାଇରେ ଆୟୋଜିତ ନିଜର ଆଗାମୀ ଚଳଚ୍ଚିତ୍ର 'ରାଜା ଶିବାଜୀ'ର ଟ୍ରେଲର ଲଞ୍ଚ୍ ଅବସରରେ ଅଭିନେତା ରିତେଶ ଦେଶମୁଖ ନିଜ ସ୍ୱର୍ଗତ ପିତା ବିଳାସରାଓ ଦେଶମୁଖଙ୍କୁ ମନେ ପକାଇ ମଞ୍ଚ ଉପରେ ଅତି ଭାବପ୍ରବଣ ହୋଇପଡ଼ିଥିଲେ । କେବଳ ରିତେଶ ନୁହେଁ ଜେନେଲିଆ ମଧ୍ୟ ଏହି ସମୟରେ ଭାବବିହ୍ୱଳ ହୋଇପଡିଥିବା ଦେଖିବାକୁ ମିଳିଥିଲା । ଛତ୍ରପତି ଶିବାଜୀ ମହାରାଜଙ୍କ ଭଳି ଏକ ଶକ୍ତିଶାଳୀ ଐତିହାସିକ ଚରିତ୍ରରେ ଅଭିନୟ କରିବା ତାଙ୍କ ପାଇଁ କେବଳ ଏକ ଭୂମିକା ନୁହେଁ ବରଂ ଏକ ବଡ଼ ଦାୟିତ୍ୱ ବୋଲି ରିତେଶ ମତ ଦେଇଥିଲେ । ରିତେଶ ନିଜର ଗତ ୧୨ ବର୍ଷର ସଂଘର୍ଷମୟ ଯାତ୍ରା ବିଷୟରେ ଷ୍ଟେଜରେ ଆଲୋଚନା କରିବା ବେଳେ ତାଙ୍କ ଆଖି ଲୁହ ଛଳଛଳ ହୋଇଯାଇଥିଲା । ଯାହାକୁ ଦେଖି ଫିଲ୍ମର ପ୍ରଯୋଜିକା ତଥା ପତ୍ନୀ ଜେନେଲିଆ ମଧ୍ୟ ନିଜ କାନ୍ଦ ରୋକିପାରିନଥିଲେ । ସଞ୍ଜୟ ଦତ୍ତ, ଅଭିଷେକ ବଚ୍ଚନ ଏବଂ ବିଦ୍ୟା ବାଲନଙ୍କ ଭଳି ତାରକାମାନଙ୍କୁ ନେଇ ଚଳଚ୍ଚିତ୍ରଟି ନିର୍ମିତ ହୋଇଛି ।

# ଡ୍ୟାନ୍ସ କିଣିଲା ମନ



ଲୁଧିଆନାସ୍ଥିତ ଫିରୋଜପୁର ରୋଡର 'ମହାରାଜା ମେନସନ'ରେ ଆୟୋଜିତ ଏକ କକ୍‌ଟେଲ୍ ପାର୍ଟିରେ ବଲିଉଡର ଡାନ୍ସିଂ କୁଇନ୍ ନୋରା ଫତେହି ନିଜର ଆକର୍ଷଣୀୟ ପ୍ରଦର୍ଶନ ଜରିଆରେ ସମସ୍ତଙ୍କ ମନ ଜିଣିଛନ୍ତି । ସହରର ଜଣେ ପ୍ରତିଷ୍ଠିତ ସମାଜସେବୀଙ୍କ ପୁଅଙ୍କ ବିବାହ ପୂର୍ବରୁ ଆୟୋଜିତ ଏହି ଉତ୍ସବରେ ପ୍ରାୟ ୭୦୦ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ ।

ନୋରା ନିଜର ଲୋକପ୍ରିୟ ଗୀତ 'ଓ ସାକି ସାକି' ଏବଂ 'ଓଃ ମାମା ତେତେମା' ଭଳି ଗୀତରେ ଜବରଦସ୍ତ ଡାନ୍ସ ମୁଭ୍‌ସ ଦେଖାଇ ଉପସ୍ଥିତ ସମସ୍ତଙ୍କୁ ମୁଗ୍ଧ କରିଥିଲେ । ପାଖାପାଖି ୪୦ ମିନିଟର ଏହି କାର୍ଯ୍ୟକ୍ରମରେ ଅତିଥିମାନେ ନୋରାଙ୍କ ସହ ସେଲଫି ନେବା ପାଇଁ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା । ନୋରାଙ୍କ ଡ୍ୟାନ୍ସ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି । ଦର୍ଶକମାନେ ସୋସିଆଲ ମିଡିଆରେ ମଧ୍ୟ ନୋରାଙ୍କ ଡ୍ୟାନ୍ସର ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।

# ପସନ୍ଦ ଆସିବ କେମେଷ୍ଟ୍ରୀ



ବଲିଉଡର ପ୍ରସିଦ୍ଧ ନିର୍ଦ୍ଦେଶକ ସୂରଜ ବଡ଼ଜାତ୍ୟାଙ୍କ ବହୁପ୍ରତୀକ୍ଷିତ ପାରିବାରିକ ମ୍ୟୁଜିକାଲ୍ ଡ୍ରାମା 'ୟେ ପ୍ରେମ ମୋଲ୍ ଲିୟା'ର ରିଲିଜ୍ ତାରିଖ ଘୋଷଣା କରାଯାଇଛି । ଯେଉଁଥିରେ ଆୟୁଷ୍ମାନ ଖୁରାନା ଏବଂ ଶର୍ଭରୀ ପ୍ରଥମ ଥର ପାଇଁ ଏକାଠି ନଜର ଆସିବେ । ରାଜଶ୍ରୀ ପ୍ରଡକ୍ସନ୍ସ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ର ମାଧ୍ୟମରେ ସୂରଜ ବଡ଼ଜାତ୍ୟାଙ୍କ ଆଇକନିକ୍ ଚରିତ୍ର 'ପ୍ରେମ' ଦୀର୍ଘ ୧୧ ବର୍ଷ ପରେ ପରଦାକୁ ଫେରୁଛି । ତେବେ ସୂଚନା ଅନୁସାରେ ଏହା ଆସନ୍ତା ୨୭ ନଭେମ୍ବର ୨୦୨୬ରେ ରିଲିଜ ହେବାକୁ ଯାଉଛି । ହିମେଶ ରେସମିୟାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ଆୟୁଷ୍ମାନଙ୍କ ସହ ଶର୍ଭରୀଙ୍କ ଦମଦାର କେମେଷ୍ଟ୍ରୀକୁ ଦର୍ଶକ ଖୁବ ଭଲପାଇବା ଦେବେ ବୋଲି ଜଣାପଡିଛି । ଉଭୟ ଶର୍ଭରୀ ଓ ଆୟୁଷ୍ମାନଙ୍କ ପାଇଁ ଏହି ଫିଲ୍ମଟି ହଟକେ ହେବ ବୋଲି ଜଣା ପଡିଛି ।

# ମେକିଂ ଅଫ୍ ଧୁରନ୍ଧର



'ଧୁରନ୍ଧର' ଏବଂ 'ଧୁରନ୍ଧର ୨'ର ଅପାର ସଫଳତା ପରେ ତୃତୀୟ ଭାଗକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ହେଲେ ନିର୍ଦ୍ଦେଶକ ଆଦିତ୍ୟ ଧର ଏବେ ଏହାର ତୃତୀୟ ଭାଗ ବଦଳରେ ଏକ ସ୍ୱତନ୍ତ୍ର ଫିଲ୍ମ 'ମେକିଂ ଅଫ୍ ଧୁରନ୍ଧର' ବଡ଼ ପରଦାକୁ ଆଣିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ରିପୋର୍ଟ ଅନୁସାରେ, ଏହି ଚଳଚ୍ଚିତ୍ରରେ ସୁଟିଂ ସମୟର ଅକୁହା କାହାଣୀ, କଳାକାରଙ୍କ ସାକ୍ଷାତକାର ଏବଂ ଚରିତ୍ରଗୁଡ଼ିକର ବିକାଶ ପ୍ରକ୍ରିୟାକୁ ଦର୍ଶାଯିବ । ଯାହା ଚଳିତ ବର୍ଷ ଶେଷ ସୁଦ୍ଧା ସିନେମା ହଲ୍ ଏବଂ ପରେ ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ରିଲିଜ୍ ହେବ । ସୂଚନାଯୋଗ୍ୟ ଯେ, ଗତ ୧୯ ମାର୍ଚ୍ଚରେ ମୁକ୍ତିଲାଭ କରିଥିବା 'ଧୁରନ୍ଧର ୨' ବିଶ୍ୱବ୍ୟାପୀ ୧୭୫୮ କୋଟି ଟଙ୍କାର ବ୍ୟବସାୟ କରି ଭାରତର ଦ୍ୱିତୀୟ ସର୍ବାଧିକ ଆୟକାରୀ ଫିଲ୍ମ ଭାବେ ଅନେକ ବଡ଼ ରେକର୍ଡ ଭାଙ୍ଗିଛି । ଏହି କ୍ରେଜ୍‌କୁ ଦୃଷ୍ଟିରେ ରଖି ନିର୍ମାତାମାନେ ଏହାର ନିର୍ମାଣର କାହାଣୀକୁ ଦର୍ଶକଙ୍କ ସାମ୍ନାକୁ ଆଣିବା ପାଇଁ ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି ।

# ଖରା ଫୁଟିଲାଣି



ଖରା ଦିନ ହେଇ ଆସିଲା
ଗଛରୁ ପତର ଖସିଲା
ବାଡ଼ି ବଗିଚାରେ ଫୁଲେଇ ମଲ୍ଲୀଟା
ମହ ମହ ହେଇ ବାସିଲା ।
ପଳାଶ, ଶିମିଳି ଫୁଟିଲେ
ଅଶୋକ, ତରାଟ ଜୁଟିଲେ
ନାଲିଆ ରଙ୍ଗର କୃଷ୍ଣଚୂଡ଼ା ଗଭା
ଦେଖି ପଥଚାରୀ ଝୁଣ୍ଟିଲେ ।


ଖରା ବଢ଼ିପାରେ ଆଗକୁ
ଜାଗିବା ଗରମ ପାଗକୁ
ସାବଧାନ ହେଇ ଚଳିବା ସଭିଏଁ
ଏଡ଼ାଇ ଉତ୍ତାପ ବାଗକୁ ।

**ପ୍ରଫୁଲ୍ଲ ଚନ୍ଦ୍ର ବାରିକ**
ବେଦବ୍ୟାସ, ରାଉରକେଲା-୪
ମୋ: ୯୦୯୦୩୩୦୮୫୯

# ଅଟଇ ମୁଁ ପରିଶ୍ରମୀ

ସମସ୍ତଙ୍କ ଘରେ ଥିଲି ଆଗକାଳେ
ହେଲେ ଆଉ ଏବେ ନାହିଁ,
ଆଜି ବି ପଡୁଛି ମନେ ସେଇ ଦିନ
ଭୁଲି ପାରୁନାହିଁ ମୁହିଁ ॥
ମାଲିକ ଓ ତା'ର ପୂରା ପରିବାର
କରୁଥିଲେ ସ୍ନେହ ମୋତେ,
ଘାସ କୁଟା ଆଣି ଅତି ଯତନରେ
ଖୋଉଥିଲେ ନିଜ ହାତେ ॥
ମୁଁ ମଧ୍ୟ ତାଙ୍କୁ ଆପଣାର ଭାବି
କରୁଥିଲି ଉପକାର,
ଆଗଭର ହେଉଥିଲି ପ୍ରତି କାମେ
ନଥିଲା କିଛିବି ଡର ॥
ଏକର ଏକର ଚାଷ ଜମିସବୁ
ଦେଉଥିଲି ହଳ କରି,
ଖରା ବର୍ଷା ଯେତେ ହେଉଥାଉ ପଛେ
ଆସୁଥିଲି କାମ ସାରି ॥
ଶଗଡ଼ ଗାଡ଼ିରେ ବହୁ ଓଜନର
ଜିନିଷ ବୁହାଉ ଥିଲି,
ଯେତେ ଦୂର ବାଟ ହେଇଥାଉ ପଛେ
ଥକେ ନାହିଁ ଚାଲି ଚାଲି ॥
ଟ୍ରାକଟର ଗାଡ଼ି ଆସିଲା ଯେବେଠୁ
ଚାହିଦା ଗଲା ମୋ କମି,
ହେଲେ ଆଜିଯାଏ କୁହନ୍ତି ସଭିଏଁ
ଅଟଇ ମୁଁ ପରିଶ୍ରମୀ ॥

**ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ**
ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର
ମୋ: ୭୯୦୪୩୯୨୬୮୬



# ଉଡୁରୁ ଡୁମା ତାଳ ଗୋଟମା

ପିଙ୍କି ବୋଲି ଝିଅଟିଏ ଥାଏ । ତା'ର ଆଇଙ୍କ ଛଡ଼ା ଏ ଦୁନିଆଁରେ କେହି ନଥାନ୍ତି । ଆଇ ମୁଢି ଭାଜନ୍ତି । ମୁଢ଼ି ବିକିବା ସହିତ ମୁଢ଼ି ପଣସ, ମୁଢି ଆମ୍ବ, ମୁଢି ତାଳ ରସ କରି ଆଇ ଓ ପିଙ୍କି ଖାଇଥାନ୍ତି । ବାଡ଼ିରେ ଏସବୁ ଗଛ ଯଥା ଆମ୍ବ, ପଣସ, ନଡ଼ିଆ, ତାଳ, ପିଜୁଳି ଥିବାରୁ ଋତୁ ଅନୁଯାୟୀ ଫଳ ଖାଇ ବିକି ଆଇ ନାତୁଣୀ ବେଶ ହସଖୁସିରେ ଚଳିଯାଆନ୍ତି । ତାଳ ତୋଳିବା ପାଇଁ ଆଜିକାଲି କେହି ଭୋଇ ଗଛରେ ଚଢ଼ିବାକୁ ଆସୁନାହାଁନ୍ତି । କଞ୍ଚା ତାଳ ଖାଇବାକୁ ପାଏନା ପିଙ୍କି । ତାଳ ପାଚି ମନକୁ ଝଡ଼ିଲେ ରସକରି ମୁଢ଼ିରେ ଖାଇବା ସହ ତାଳ ପୋଡ଼ପିଠା କରି ଖାଇବାକୁ ଲୋକେ କିଣି ନେଇଯାଆନ୍ତି । ବଳକା ରହୁଥିବା ତାଳରେ ଆଇ ମଧ୍ୟ ପୋଡପିଠା କରି ପିଙ୍କିକୁ ଦିଅନ୍ତି ଓ ଗୋଟମା ସବୁକୁ ବାଡ଼ିପଟେ ପିଙ୍ଗି ଦିଅନ୍ତି ।

ବର୍ଷା ଋତୁରେ ଏବେ ବର୍ଷା ପଡ଼ି ତାଳ ଗଜା ହୁଏ । କିଛି ଗଜା ଖାଇବା ପରେ ବଳକା ସବୁ ଗଛ ହୋଇଯାଏ । ପଡ଼ୋଶୀମାନେ ବିରକ୍ତ ହୁଅନ୍ତି । ରାତିରେ ତାଳ ଗଛ ଉପରେ ପେଚା ବସିବା ଅଶୁଭ ଆଣିଦେଉଛି ଘରକୁ କୁହନ୍ତି । ପିଙ୍କି ସେମାନଙ୍କୁ ବୁଝାଏ ତାଳ ଗଛ ଘଡଘଡି ଚଡ଼ଚଡ଼ିକୁ ରୋକିଥାଏ କହି ବୁଝାଏ । ସେମାନେ ନବୁଝିବାରୁ ଆଇ ଗଛ ହାଣିବାକୁ ଲୋକ ଖୋଜୁଥାଆନ୍ତି ଗଛ ସବୁକୁ ହାଣିବା ପାଇଁ । ସେହିବର୍ଷ ଖୁବ କାଳବୈଶାଖୀ ବର୍ଷାରେ ଘଡ଼ଘଡ଼ି ଚଡ଼ଚଡ଼ି ପଡ଼ି ପିଙ୍କି ଘର ଗାଁର ଅନେକ ଗାଇ ବଳଦ ଓ ଛେଳି ମେଣ୍ଢା ମରିଯାଇଥିଲେ ମଧ୍ୟ ଦୁଇ ପଡୋଶୀଙ୍କ ଗାଈଗୋରୁ ଓ ଛେଳିମେଣ୍ଢାଙ୍କର କିଛି କ୍ଷତି ହୋଇନଥିଲା । ତା'ର କାରଣ ପାଖରେ ପିଙ୍କି ଘର ବାଡ଼ିରେ ତାଳଗଛ ଥିବାରୁ ସେମାନଙ୍କ ପଶୁ ସମ୍ପଦ ବଞ୍ଚି ଯାଇଥିଲା ବୋଲି ସରକାରୀ ଅମିନ ସର୍ଭେ ରିପୋର୍ଟ ଦେଇଥିଲେ । ଏଣିକି ଆଉ ଦୁଇ ପଡ଼ୋଶୀ ତାଳ ଗଛ ହାଣିବାକୁ ପିଙ୍କି ଆଇଙ୍କୁ କହୁନଥିଲେ କି ପେଚା ତ ପକ୍ଷୀଟିଏ ସେ ବସିଲେ ଲକ୍ଷ୍ମୀ ଆସିବେ ବୋଲି କହୁଥିଲେ ତ ଆଇ ହସିଦେଉଥିଲେ । ଏବର୍ଷ ପାଚିଲା ତାଳ ରସରେ ପୋଡ଼ପିଠା କରି ପିଙ୍କି ହାତରେ ଦୁଇ ପଡୋଶୀଙ୍କ ଘରକୁ ତାଳ ପୋଡ଼ପିଠା ପଠାଇଥିଲେ ଆଇ । ତାଳପିଠା ଖାଇ ଦୁଇ ପଡ଼ୋଶୀ ଏବେ ଆଇ ନାତୁଣୀଙ୍କ ବନ୍ଧୁ ହୋଇଯାଇଥିଲେ ।

**ସୁନନ୍ଦା ମହାନ୍ତି**
ସାକ୍ଷୀଗୋପାଳ, ପୁରୀ, ମୋ: ୯୦୪୦୯୭୭୩୨୭



# ମାଠିଆ ପାଣି

ଫ୍ରିଜରୁ କାଢି ବୋତଲ ବୋତଲ
ପାଣି ଆଉ ଜମା ପିଇବି ନାହିଁ
ବଜାରକୁ ଯାଇ ଥଣ୍ଡା ପାନୀୟକୁ
ସଉକରେ କିଣି ଆଣିବି ନାହିଁ ॥
ଥଣ୍ଡା, କାଶଠାରୁ ଦୂରେଇ ରହିବି
ଡାକତରଖାନା ଯିବିନି ଆଉ
କଷ୍ଟ ଭୋଗିବାରୁ ଛୁଟି ମିଳିଯିବ
ଖର୍ଚ୍ଚ ବଢ଼ାଇବା ସେତିକି ଥାଉ ॥
ମାଟି ମାଠିଆରେ ପାଣିକୁ ପୁରେଇ
ଶୋଷ ଲାଗୁଥିଲେ ପିଇବି ତାକୁ
ପ୍ରକୃତିର ଏହି ଭଲ ଯୋଜନାରେ
ଆପଣେଇ ନେବି ଜୀବନ ଟାକୁ ॥
ଅଜା ଅମଳରୁ ଏହି ଉପାୟଟି
ନିରାପଦ ଭାବେ ଆସୁଅଛି ଚଳି
ଶହେବର୍ଷ ହେଲା ବିନା ବଇରାଗେ
ଶରୀର ବି ତାଙ୍କ ପଡିନି ଢଳି ॥
ଲୋକ ଦେଖାଣିଆ ଚିକ୍କଣ ସଉକ
ନଥିଲେ ନ ରହୁ ଆମର ଘରେ
ସ୍ୱାସ୍ଥ ସମ୍ପଦକୁ ପ୍ରଥମେ ଜଗିବି
ଆଉ ସବୁ କଥା ବୁଝିବି ପରେ ॥

**ମୋହନ କୁମାର ସ୍ୱାଇଁ**
ବେଣାପୁର, କଣ୍ଟି ଗଡ଼ିଆ, ଯାଜପୁର



ଆମ ସହ ଯୋଡ଼ିହେବାକୁ ଚାହୁଁଥିଲେ ନିଜ ସୁଚିନ୍ତିତ ମତାମତ ଓ ଶିଶୁ ସମ୍ବଳିତ କବିତା କିମ୍ବା ଗଳ୍ପ ଏହି ଇ-ମେଲ୍ ଆଇଡି 2022taranga@gmail.comରେ ପଠାଇବାକୁ ଅନୁରୋଧ ।
-'ସମୟ ତରଙ୍ଗ' ପରିବାର



**ଅନେକ ଏଭଳି ଜୀବାଣୁ ଅଛନ୍ତି ଯାହା ଆମ ଅଜାଣତରେ ପିଇବା ପାଣି ଦ୍ୱାରା ଆମ ଶରୀରକୁ ଯାଇଥାଏ । ଏହି ଜୀବାଣୁଙ୍କ କାରଣରୁ ବିଭିନ୍ନ ପ୍ରକାରର ସମସ୍ୟା ଦେଖିବାକୁ ମିଳିଥାଏ । ତେବେ ଅନେକ ଏଭଳି ବ୍ୟକ୍ତି ଥାଆନ୍ତି ଯେଉଁମାନେ ଏନେଇ ସଚେତନ ନଥାନ୍ତି ଯେଉଁ କାରଣରୁ ନାନା ସମସ୍ୟା ସେମାନେ ଭୋଗି ଥାଆନ୍ତି ।**

# ସାବଧାନେ ପିଅ ପାଣି

ଜଳବାହିତ ରୋଗ କହିଲେ ଯେଉଁ ସ୍ୱାସ୍ଥ୍ୟ ସମସ୍ୟା ବ୍ୟାକ୍ଟେରିଆ, ଭାଇରସ ତଥା ପାରାସାଇଟ୍ ଦ୍ୱାରା ବ୍ୟାପିଥାଏ । ଏହି ସମସ୍ତ ଜୀବାଣୁ ବିଶେଷଭାବେ ପାଣି ସାହାଯ୍ୟରେ ଆମ ଶରୀରକୁ ଯାଇଥାଏ । ଯେତେବେଳେ ଆମେ ଦୂଷିତ ଜଳ ପିଇଥାଉ ସେତେବେଳେ ଏହା ଆମ ଶରୀରକୁ ଯାଇଥାଏ । ଭାରତରେ ଦେଖିବାକୁ ମିଳୁଥିବା ପ୍ରମୁଖ ଜଳବାହିତ ରୋଗ

## କଲେରା

ଭିବ୍ରିଓ କଲେରା ବ୍ୟାକ୍ଟେରିଆ ଦ୍ୱାରା ବ୍ୟାପୁଥିବା ଏହା ହେଉଛି ଏକ ସ୍ୱାସ୍ଥ୍ୟ ସମସ୍ୟା । ଏହା ବିଶେଷଭାବେ ପାଣିଦ୍ୱାରା ଆମ ଶରୀରକୁ ଯାଇଥାଏ । ଏହା ହେବାଦ୍ୱାରା ରୋଗୀର ଅତ୍ୟଧୀକ ଝାଡା, ବାନ୍ତି, ପେଟରେ ଯନ୍ତ୍ରଣା ଆଦି ସମସ୍ୟା ଦେଖିବାକୁ ମିଳିଥାଏ । ଏହି ସମସ୍ୟା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାର ଆବଶ୍ୟକତା ରହିଛି ।

## ଟାଇଫଡ

ଟାଇଫଡ ଜ୍ୱର ସାଲମୋନେଲା ଟାଇଫି ବ୍ୟାକ୍ଟେରିଆ କାରଣରୁ ଏହି ରୋଗ ହୋଇଥାଏ । ଏହି ଜ୍ୱର ହେଲେ ଦୁର୍ବଳତା ସହିତ ଅତ୍ୟଧିକ ତାପମାତ୍ରା, ପେଟରେ ଯନ୍ତ୍ରଣା, ମୁଣ୍ଡ ବିନ୍ଧା ଭଳି ସମସ୍ୟା ଦେଖିବାକୁ ମିଳିଥାଏ ।

## ହେପାଟାଇଟିସ

ବିଶେଷଭାବେ ଏହି ସମସ୍ୟା ଦୂଷିତ ପାଣି ଖାଦ୍ୟ କାରଣରୁ ବ୍ୟାପିଥାଏ । ତେଣୁ ପ୍ରତି ସମୟରେ ବିଶୁଦ୍ଧ ପାଣି ପିଅନ୍ତୁ । ହେପାଟାଇଟିସ ବିଶେଷଭାବେ ଆମର ଲିଭରକୁ ପ୍ରଭାବିତ କରିଥାଏ ।




## ଡାଇରିଆ

ପ୍ରଦୂଷିତ ଜଳ ପିଇବା ଦ୍ୱାରା ବ୍ୟାପୁଥିବା ଆଉ ଏକ ସମସ୍ୟା ହେଲା ଡାଇରିଆ । ଏହା ବିଭିନ୍ନ ଜୀବାଣୁ ଶିଗେଲା, ଇ କୋଲି ଓ ଆମୋଇବା ଭଳିଙ୍କ କାରଣରୁ ବ୍ୟାପିଥାଏ । ଏହି ସମସ୍ୟା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଏହାହେଲେ ଦୁର୍ବଳ ଲାଗିବା, ଏକାଧିକ ଥର ଝାଡା, ମୁଣ୍ଡ ବୁଲାଇବା, ପେଟରେ ଯନ୍ତ୍ରଣା ଭଳି ସମସ୍ୟା ଦେଖିବାକୁ ମିଳିଥାଏ ।

## କାରଣ

ଜଳବାହିତ ରୋଗର ବିଶେଷ କାରଣ ହୋଇଥାଏ ପ୍ରଦୂଷିତ ପାନୀୟଜଳ । ବିଷାକ୍ତ ଜଳ ଓ ଖାଦ୍ୟ ଖାଇବା ଦ୍ୱାରା ଏହି ସମସ୍ୟା ଦେଖିବାକୁ ମିଳିଥାଏ । ସେହିଭଳି ଆମେ ରୋଷେଇ କରୁଥିବା କିମ୍ବା ପାଣି ରଖୁଥିବା ସ୍ଥାନର ଆଖପାଖ ଯଦି ଅପରିଷ୍କାର ହୁଏ ତେବେ ମଧ୍ୟ ଏହି ସମସ୍ତ ରୋଗ ହେବାର ଆଶଙ୍କା ରହିଛି । ସେହିଭଳି ବନ୍ୟା କିମ୍ବା ବାତ୍ୟା ସମୟରେ ଏହି ରୋଗ ହେବାର ଆଶଙ୍କା ଅଧିକ ଥାଏ । ତେଣୁ ବର୍ଷାଦିନେ କିମ୍ବା ବନ୍ୟା ଆସିଥିବା ସମୟରେ ପିଇବା ପାଣିର ବିଶେଷ ଧ୍ୟାନ ରଖିବାକୁ ହୋଇଥାଏ । ତେଣୁ ସବୁବେଳେ ପାନୀୟ ଜଳର ଧ୍ୟାନ ରଖନ୍ତୁ । କିଭଳି ପରିଷ୍କାର ପାଣି ପିଇବେ ସେଥିପାଇଁ ଚେଷ୍ଟିତ ହୁଅନ୍ତୁ ।




# ମାୟାବୀ ଗଛ

ଗୋଟିଏ ଛୋଟ ଗାଁ ପାଖରେ ଏକ ପୁରୁଣା ପୋଖରୀ ଥିଲା। ସେହି ପୋଖରୀ କୂଳରେ ଏକ ବିରାଟ ବରଗଛ ଥିଲା। ଗାଁର କୌଣସି ପିଲା ସେହି ଗଛ ପାଖକୁ ଖେଳିବାକୁ ଯାଉନଥିଲେ, କାରଣ ଲୋକେ କୁହନ୍ତି ସେହି ଗଛରେ ଜଣେ ବ୍ରହ୍ମଦୈତ୍ୟ ରହେ। ତେବେ ସେହି ଗାଁର ସୁମିତ ନାମକ ଜଣେ ଲୋଭୀ ପିଲା ଥିଲା। ସେ ଶୁଣିଥିଲା ଯେ ସେହି ଗଛ ମୂଳେ ପୁରୁଣା ଜମାନାର ସୁନାମୋହର ପୋତା

**ଭୁତ ଗଳ୍ପ ଶୁଣିବାକୁ ସମସ୍ତେ ସବୁବେଳେ ଆଗ୍ରହ ପ୍ରକାଶ କରିଥାଆନ୍ତି। ଯେଉଁଥିପାଇଁ ଆଇମା ପାଖେ ଏହା ଶୁଣିବାକୁ ସମସ୍ତଙ୍କର ଭିଡ ଜମିଥାଏ। ଏହି ଭୁତ ଗଳ୍ପ ସେମାନଙ୍କୁ କିଛି ଶିକ୍ଷା ପ୍ରଦାନ କରିବା ସହିତ ସେମାନଙ୍କର ମନୋରଞ୍ଜନ ମଧ୍ୟ କରିଥାଏ। ଆସନ୍ତୁ ସେହିଭଳି ଏକ ଗପ ସମ୍ପର୍କରେ ଜାଣିବା, ଯାହାର ନାଁ ହେଉଛି ମାୟାବୀ ଗଛ।**



ହୋଇଛି। ଦିନେ ଅମାବାସ୍ୟା ରାତିରେ ସୁମିତ କାହାକୁ ନକହି ଗୋଟିଏ ଫାଉଡା ଧରି ସେହି ଗଛ ପାଖକୁ ଚାଲିଗଲା। ରାତି ପ୍ରାୟ ବାରଟା। ଚାରିଆଡ଼ ଶୁନଶାନ୍। ହଠାତ୍ ଗଛରୁ ଏକ ଅଜବ ଘୁଙ୍ଗୁର ଶବ୍ଦ ଶୁଣାଗଲା। ସୁମିତ ଭୟରେ ଥରିବାକୁ ଲାଗିଲା, କିନ୍ତୁ ସୁନା ଲୋଭରେ ସେ ଗଛ ମୂଳ ଖୋଳିବାକୁ ଲାଗିଲା। ହଠାତ୍ ଏକ ଭୟଙ୍କର ଗର୍ଜନ ଶୁଣାଗଲା। ସୁମିତ ଉପରକୁ ଚାହିଁଲା ବେଳକୁ ଦେଖିଲା ଗଛର ଡାଳଗୁଡ଼ିକ ହଠାତ୍ ଲମ୍ବା ହାତ ପରି ହୋଇ ତା' ଆଡ଼କୁ ମାଡ଼ି ଆସୁଛି। ଗଛରୁ ଏକ ଭୟଙ୍କର କଣ୍ଠସ୍ୱର ଶୁଣାଗଲା, "ଲୋଭୀ ବାଳକ! ମୋ ଶାନ୍ତି ଭଙ୍ଗ କରିବାକୁ ତୋର ସାହସ କେମିତି ହେଲା ?" ସୁମିତ ଦେଖିଲା ଗଛର ଗଣ୍ଡିରେ ଏକ ବିରାଟ ମୁହଁ ଦେଖାଯାଉଛି, ଯାହାର ଆଖିରୁ ନିଆଁ ବାହାରୁଛି। ସୁମିତ ସବୁକିଛି ଛାଡ଼ି ଦୌଡ଼ିବାକୁ ଚେଷ୍ଟା କଲା, କିନ୍ତୁ ଗଛର ଚେରଗୁଡ଼ିକ ସାପ ପରି ତା' ଗୋଡ଼କୁ ଗୁଡ଼ାଇ ଧରିଲେ। ସୁମିତ କାନ୍ଦି କାନ୍ଦି କ୍ଷମା ମାଗିଲା, "ମୋତେ ଛାଡ଼ିଦିଅନ୍ତୁ! ମୁଁ ଆଉ କେବେ ଲୋଭ କରିବିନି କି ଏଠାକୁ ଆସିବିନି।" କିଛି ସମୟ ପରେ ସବୁକିଛି ଶାନ୍ତ ହୋଇଗଲା। ସୁମିତ କୌଣସି ପ୍ରକାରେ ନିଜକୁ ମୁକ୍ତ କରି ଏକା ନିଶ୍ୱାସକେ ଗାଁକୁ ଦୌଡ଼ି ପଳାଇଲା। ସେହି ଦିନଠାରୁ ସୁମିତ ଲୋଭ କରିବା ସମ୍ପୂର୍ଣ୍ଣ ଛାଡ଼ିଦେଲା। ତେଣୁ ଲୋଭ ମଣିଷକୁ ସବୁବେଳେ ବିପଦ ଆଡ଼କୁ ଟାଣି ନେଇଥାଏ। ଯାହା ନିଜର ନୁହେଁ, ତାହା ପାଇବା ପାଇଁ ଅପଚେଷ୍ଟା କଲେ ତା'ର ପରିଣାମ ଭୟଙ୍କର ହୋଇଥାଏ।



# କୃଷକର ସାଥୀ ସ୍ମାର୍ଟ ବାଡ଼ି

**ଅନେକ ସମୟରେ ଛୋଟଛୋଟ ଉଦ୍ଭାବନ ଅନେକ ସୁବିଧା ପ୍ରଦାନ କରିଥାଏ । ସେହିଭଳି ଏକ ଉଦ୍ଭାବନ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ସାଉଁଟୁଛି । ଚାଷୀଙ୍କ ପାଇଁ ଉଦ୍ଭାବନ ହୋଇଥିବା କିଷାନ ମିତ୍ର ଛଡି ବା ସ୍ମାର୍ଟ ବାଡି ବର୍ତ୍ତମାନ ସମସ୍ତ ଆଲୋଚନାର କେନ୍ଦ୍ର ବିନ୍ଦୁ ପାଲଟିଛି ।**

ଅଧିକାଂଶ ଚାଷୀଙ୍କ ପାଇଁ କାମର ସମୟ କେବଳ ଦିନ ଭିତରେ ସୀମିତ ନଥାଏ । ସୂର୍ଯ୍ୟାସ୍ତ ପରେ ବିଲକୁ ପାଣି ମଡ଼ାଇବା, ବିଭିନ୍ନ ସମୟରେ ପମ୍ପ ସେଟ୍ ଯାଞ୍ଚ କରିବା ଏବଂ ଅନ୍ଧାରରେ ହିଡ଼ କୋଣରେ ଚାଲିବା ସେମାନଙ୍କ ଦୈନନ୍ଦିନ ଜୀବନର ଅଂଶ । କିନ୍ତୁ ଏହି ସମୟରେ ଘାସ ବା ହିଡ଼ କଣରେ ଲୁଚି ରହିଥିବା ସାପ ଜଣେ ଚାଷୀଙ୍କ ପାଇଁ ଯମ ସଦୃଶ ହୋଇପାରେ । ଭାରତରେ ପ୍ରତିବର୍ଷ ପ୍ରାୟ ୪୬,୦୦୦ ଲୋକ ସାପ କାମୁଡ଼ାରେ ପ୍ରାଣ ହରାନ୍ତି ଏବଂ ପ୍ରାୟ ୧.୪ ରୁ ୨.୮ ନିୟୁତ ଲୋକ ଏହାର ଶିକାର ହୋଇଥାନ୍ତିବୋଲି ଜଣା ପଡିଛି । ଏହି ସମସ୍ୟାର ସମାଧାନ ପାଇଁ ଏବେ ଆସିଛି ଏକ ଅଭିନବ ସମାଧାନ 'କିଷାନ ମିତ୍ର ଛଡ଼ି' ବା ସ୍ମାର୍ଟ ବାଡି ।

## କିପରି କରିଥାଏ କାମ

ଦେଖିବାକୁ ଏହା ଏକ ସାଧାରଣ ବାଡ଼ି ପରି ହୋଇଥିଲେ ମଧ୍ୟ ଏହା ଭିତରେ ଅତ୍ୟାଧୁନିକ ସେନ୍ସର ଏବଂ ଆଇଓଟି ଟେକ୍ନୋଲୋଜି ଖଞ୍ଜା ଯାଇଛି । ଜଣେ ଚାଷୀ ଯେତେବେଳେ ଏହି ବାଡ଼ିକୁ ଧରି ବିଲରେ ଚାଲନ୍ତି, ସେ ଏଥିରେ ଥିବା ଏକ ବଟନ୍ ଦବାଇ ନିଜ ଚାରିପାଖର ଅଞ୍ଚଳକୁ ସ୍କାନ କରିପାରନ୍ତି । ଯଦି ବାଡ଼ିର ୫ ରୁ ୧୫ ମିଟର ପରିଧି ମଧ୍ୟରେ କୌଣସି ସାପ ବା ସରୀସୃପ ଥାଏ, ତେବେ ଏହା ଏକ ଜୋରଦାର ଭାଇବ୍ରେସନ ସୃଷ୍ଟି କରେ । ଏହି କମ୍ପନ ହିଁ ଚାଷୀଙ୍କ ପାଇଁ ସତର୍କ ଘଣ୍ଟି, ଯାହା ତାଙ୍କୁ ସେହି ସ୍ଥାନରେ ଅଟକି ଯିବାକୁ ଏବଂ ନିଜ ଗତିପଥ ବଦଳାଇବାକୁ ସୂଚନା ଦିଏ ।

## ବୈଷୟିକ ଜ୍ଞାନକୌଶଳ

ଏହି ବାଡ଼ିରେ 'ଇନଫ୍ରାରେଡ୍ ରେଡିଏସନ୍' ଏବଂ 'ଅଲଟ୍ରାସୋନିକ୍ ସେନ୍ସର' ବ୍ୟବହାର କରାଯାଇଛି । ସାପମାନେ ଶୀତଳ ରକ୍ତ ବିଶିଷ୍ଟ ପ୍ରାଣୀ ହୋଇଥିବାରୁ ସେମାନଙ୍କ ଶରୀରର ତାପମାତ୍ରା ପରିବେଶ ଅନୁସାରେ ବଦଳିଥାଏ । ଏହି ସେନ୍ସରଗୁଡ଼ିକ ସେହି ତାପମାତ୍ରାର ପରିବର୍ତ୍ତନ ଏବଂ ସାପର ସ୍ଲାଇଡିଂ ଗତିକୁ ଚିହ୍ନଟ କରିପାରନ୍ତି । ଏଥିରେ ଥିବା ଆଇଓଟି ସିଷ୍ଟମ୍ ଏବଂ ଆର୍ଡୁଇନୋ କିମ୍ବା ରାସପବେରୀ ପାଇ ପରି ଛୋଟ ପ୍ରୋସେସରଗୁଡ଼ିକ ସେନ୍ସରରୁ ମିଳୁଥିବା ସୂଚନାକୁ ତୁରନ୍ତ ବିଶ୍ଳେଷଣ କରି କମ୍ପନ ସୃଷ୍ଟି କରନ୍ତି । କେତେକ ଉନ୍ନତ ସଂସ୍କରଣରେ ଏଆଇ ମଧ୍ୟ ବ୍ୟବହାର କରାଯାଇଛି, ଯାହା ଘାସ ହଲିବା ଏବଂ ସାପର ଗତି ମଧ୍ୟରେ ପାର୍ଥକ୍ୟ ବୁଝିପାରେ, ଫଳରେ ଭୁଲ୍ ସୂଚନା ମିଳିବାର ଆଶଙ୍କା କମ୍ ରହିଥାଏ ।



## ସୁରକ୍ଷା ସହ ସଂରକ୍ଷଣ

ଏହି ଉଦ୍ଭାବନ କେବଳ ଚାଷୀଙ୍କ ଜୀବନ ବଞ୍ଚାଏ ନାହିଁ, ବରଂ ସାପମାନଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନ କରେ । ଅନେକ ସମୟରେ ଭୟଭୀତ ହୋଇ ଚାଷୀମାନେ ସାପଙ୍କୁ ମାରିଦିଅନ୍ତି, କିନ୍ତୁ ଏହି ବାଡ଼ି ସାହାଯ୍ୟରେ ପୂର୍ବରୁ ସତର୍କତା ମିଳିଯାଉଥିବାରୁ ଚାଷୀ ସାପଠାରୁ ଦୂରେଇ ଯାଇପାରନ୍ତି । ଏହାଦ୍ୱାରା ଜୈବ ବିବିଧତା ରକ୍ଷା ହେବା ସହ ମୂଷା ସଂଖ୍ୟା ନିୟନ୍ତ୍ରଣରେ ସାପମାନେ ସାହାଯ୍ୟ କରନ୍ତି । କେରଳ ଭଳି ଅନେକ ରାଜ୍ୟର ସରକାରୀ ପ୍ରୋଜେକ୍ଟ ମାଧ୍ୟମରେ ଏହାକୁ ପ୍ରୋତ୍ସାହନ ଦିଆଯାଉଛି । ରାତି ଅନ୍ଧାରରେ ବିଲରେ କାମ କରୁଥିବା ଜଣେ ଚାଷୀ ପାଇଁ ଏହି ଛୋଟ ବାଡ଼ିଟି ଜୀବନରକ୍ଷାକାରୀ ବନ୍ଧୁ ବା 'କିଷାନ ମିତ୍ର' ସାବ୍ୟସ୍ତ ହୋଇଛି ।



# ପୁରସ୍କାରର ହକଦାର ପତ୍ନୀ

ସାର୍ ଜାଡେଜା । ଦିନ ଥିଲା ସେ ଥିଲେ ଚେନ୍ନାଇର ଥାଲାପତି । ଏବେ ସେ ରୟାଲ୍ସର ବାନ୍ନା । ମ୍ୟାଚ୍ ବିଜୟ ପରେ ସେ ବନିଯାଇଛନ୍ତି ବାନ୍ନା ଫର ଏ ରିଜନ୍ । କାରଣ ଲକ୍ଷ୍ନୌ ବିପକ୍ଷ ମ୍ୟାଚରେ ସେ ଥିଲେ ହିରୋ । ଏକା ଖେଳିଥିଲେ ୪୩ ରନର ପାଳି । ୨୯ ବଲରେ ଦମଦାର ଖେଳ ଖେଳିଥିଲେ ରବୀନ୍ଦ୍ର ଜାଡେଜା । ତେବେ ପତ୍ନୀ ତାଙ୍କ ସ୍ୱାମୀଙ୍କୁ କହିଥିଲେ ଯେ ସେ ରାଜସ୍ଥାନ ରୟାଲ୍ସର ପରବର୍ତ୍ତୀ ମ୍ୟାଚରେ ହିରୋ ହେବେ । ସେ ସେହି ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରିବେ । ଠିକ୍ ସେପରି ହିଁ ହେଲା । ରାଜସ୍ଥାନ ରୟାଲ୍ସ ୨୨ ମାର୍ଚ୍ଚରେ ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ବିଜୟୀ ହୋଇଥିଲା । ତାଙ୍କ ପତ୍ନୀଙ୍କ ଭବିଷ୍ୟବାଣୀ ଅନୁଯାୟୀ ରବୀନ୍ଦ୍ର ଜାଡେଜା ବ୍ୟାଟ୍ ଏବଂ ବଲ୍ ଉଭୟରେ ଚମତ୍କାର ପ୍ରଦର୍ଶନ କରି ମ୍ୟାଚର ହିରୋ ହୋଇଥିଲେ । ଯେତେବେଳେ ତାଙ୍କ ପତ୍ନୀଙ୍କ କଥା ସତ ହେଲା, ଜାଡେଜା ତାଙ୍କୁ କିପରି ଧନ୍ୟବାଦ ନ ଦେଇ ରହିପାରିବେ? ସେ ସର୍ବସାଧାରଣରେ କହିଥିଲେ ସମ୍ପୂର୍ଣ୍ଣ କାହାଣୀ ।

ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାବା ଜାଡେଜା ଜଣେ ରାଜନେତା । ବର୍ତ୍ତମାନ ସେ ଗୁଜରାଟର ଶିକ୍ଷାମନ୍ତ୍ରୀ । ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ବିପକ୍ଷରେ ବିଜୟ ପରେ ରାଜସ୍ଥାନ ରୟାଲ୍ସ ଷ୍ଟାର ରବୀନ୍ଦ୍ର ଜାଡେଜା ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇବା ପରେ, ସେ କେବଳ ତାଙ୍କ ପତ୍ନୀଙ୍କୁ ପୁରସ୍କାର ପାଇଁ ଧନ୍ୟବାଦ ଜଣାଇ ନଥିଲେ, ବରଂ ପୁରସ୍କାରକୁ ଗୁଜରାଟର ଶିକ୍ଷାମନ୍ତ୍ରୀଙ୍କୁ ଉତ୍ସର୍ଗ କରିଥିଲେ ।




ମ୍ୟାଚ୍ ପରେ ଉପସ୍ଥାପନାରେ ଜାଡେଜା କହିଥିଲେ, ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ଜିତିବା ଏବଂ ଦଳର ବିଜୟରେ ଅବଦାନ ଦେବା ଏକ ଚମତ୍କାର ଅନୁଭବ । କିନ୍ତୁ ମୁଁ ଆଉ କିଛି କହିବା ପୂର୍ବରୁ, ମୁଁ ଏହି ପୁରସ୍କାର ଗୁଜରାଟର ଶିକ୍ଷାମନ୍ତ୍ରୀ ଓ ମୋ ପତ୍ନୀ ରିଭାବାଙ୍କୁ ଉତ୍ସର୍ଗ କରିବାକୁ ଚାହେଁ । ସେ ମୋତେ କହିଥିଲେ ଯେ ମୁଁ ମ୍ୟାଚରେ ଚମତ୍କାର କରିବି, ଏବଂ ମୁଁ ତାହା କରିଥିଲି । ଏଥିପାଇଁ ମୁଁ ତାଙ୍କୁ ଧନ୍ୟବାଦ ଦେବାକୁ ଚାହେଁ । କୁହାଯାଏ କି, ଯେ କେତେକ ସମୟରେ ଜଣେ ଯାହା କୁହେ ସେପରି ହୁଏ । ପତ୍ନୀ ରିଭାବା କହିଛନ୍ତି ଯେ ମ୍ୟାଚର ପରିସ୍ଥିତି ରବୀନ୍ଦ୍ର ଜାଡେଜାଙ୍କୁ ହିରୋ ହେବାର ପ୍ରଚୁର ସୁଯୋଗ ଦେଇଥିଲା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜାଡେଜା ସେହି ସୁଯୋଗଗୁଡ଼ିକୁ ହାତଛଡ଼ା କରି ନଥିଲେ । ଯେତେବେଳେ ସେ ବ୍ୟାଟିଂ କରିବାକୁ ଆସିଥିଲେ, ରାଜସ୍ଥାନ ରୟାଲ୍ସ ଏକ ବିପଦପୂର୍ଣ୍ଣ ସ୍ଥିତିରେ ଥିଲା । ସେମାନଙ୍କର ଶ୍ରେଷ୍ଠ ୪ ବ୍ୟାଟର ଡଗ୍ ଆଉଟକୁ ଫେରି ଆସିଥିଲେ । ଦଳ ୧୦୦ ରନରେ ପହଞ୍ଚିବାଠାରୁ ବହୁତ ଦୂରରେ ଥିଲା । ସେହି କଷ୍ଟକର ପରିସ୍ଥିତିରେ, ହେଟମାୟାରଙ୍କ ସହିତ ଜାଡେଜା ବ୍ୟାଟିଂ ଦାୟିତ୍ୱ ନେଇଥିଲେ । ଦଳ ପାଇଁ ସର୍ବାଧିକ ରନ୍ କରିଥିଲେ । ଜାଡେଜା ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ୨୯ ବଲରୁ ଦୁଇଟି ଚୌକା ଓ ଗୋଟିଏ ଛକା ସହିତ ୪୩ ରନ୍ କରିଥିଲେ । ରାଜସ୍ଥାନ ରୟାଲ୍ସର ପାରି ୧୫୯ ରନର ସୀମିତ ରହି ପରାଜୟ ନିଶ୍ଚିତ ଲାଗୁଥି ଲା ବେଳେ ଲକ୍ଷ୍ନୌ ସୁପରଜାଏଣ୍ଟସର ବିପର୍ଯ୍ୟୟରେ ବଡ଼ ଭୂମିକା ନିଭାଇଥି ଲେ ଜାଜେଡା । ଲକ୍ଷ୍ନୌର ଝାଁଧାର ବ୍ୟାଟର ନିକୋଲାସ ପୁରନଙ୍କୁ ଆଉଟ କରି ନିଜ ଦଳର ବିଜୟ ସୁନିଶ୍ଚିତ କରିଥି ଲେ ।

## ମାଓ ଇଲାକାରେ କ୍ରୀଡ଼ାମଞ୍ଜି ବୁଣୁଛନ୍ତି ସଚିନ୍

ଛତିଶଗଡ଼ର ଦାନ୍ତେୱାଡ଼ା ଏକଦା ମାଓଗଡ଼ ଭାବେ ପରିଚିତ ଥିଲା । ଏବେ କିନ୍ତୁ ସ୍ୱର୍ଗ ମାଷ୍ଟର ବ୍ଲାଷ୍ଟର୍ ସଚିନ ତେନ୍ଦୁଲକର ସେଠାକୁ ଯାଇ ତୃଣମୂଳସ୍ତରରେ କ୍ରୀଡ଼ା ବିକାଶ ଲାଗି ପ୍ରୟାସ ଚଳାଇଛନ୍ତି । ଅନୁନ୍ନତ ଆଦିବାସୀ ଅଞ୍ଚଳରେ କ୍ରୀଡ଼ାକୁ ମାଧ୍ୟମ କରି ଅନେକ ପୂର୍ବତନ ମାଓବାଦୀ ଓ ସେମାନଙ୍କ ପିଲାମାନଙ୍କୁ ଆନୁଷ୍ଠାନିକ ଭାବେ ସମାଜର ମୁଖ୍ୟ ସ୍ରୋତକୁ ଆଣିବାର ମହତ କାମ କରୁଛନ୍ତି । ବିଶେଷକରି ଯୁବଗୋଷ୍ଠୀଙ୍କୁ କ୍ରୀଡ଼ାର ମହତ୍ତ୍ୱ ବୁଝାଇ ସେମାନଙ୍କୁ ଆଗାମୀ ସମୟରେ ଦାନ୍ତେୱାଡ଼ାକୁ ଏକ କ୍ରୀଡ଼ା ହବ୍ ଭାବେ ଗଠିନ କରିବାର ସ୍ୱପ୍ନ ଦେଖିବାକୁ ପ୍ରବର୍ତ୍ତାଉଛନ୍ତି । ଏହି ସ୍ୱପ୍ନକୁ ସାକାର କରିବାର ବାଟ ମଧ୍ୟ ସଚିନ ଦେଖାଉଛନ୍ତି । ଏହିକ୍ରମରେ ଦାନ୍ତେୱାଡ଼ା ''ମଇଦାନ କପ୍' ନାମରେ ଏକ ବିଶାଳ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇଛି ।

ଏଥିରେ କବାଡ଼ି ଓ ଦୌଡ଼କୁଦ ଭଳି ଖେଳକୁ ସାମିଲ କରାଯାଇଛି । ସଚିନଙ୍କ ପ୍ରେରଣାରେ ଏହି ପ୍ରତିଯୋଗିତାରେ ୫,୦୦୦ରୁ ଅଧିକ ପିଲା ସାମିଲ ହୋଇ ନିଜନିଜ ପ୍ରତିଭାର ପରିପ୍ରକାଶ କରିଛନ୍ତି । ସଚିନ ଜଗଦଲପୁର ବିମାନବନ୍ଦରରେ ଓହ୍ଲାଇ ସେଠାରୁ ଦାନ୍ତେୱାଡ଼ାର ଚିନ୍ଦନାର ଗାଁ'କୁ ଯାତ୍ରା କରିଥିଲେ । ବିମାନବନ୍ଦରରେ ପତ୍ରକାରଙ୍କ ସହ କଥା ହୋଇ କହିଥିଲେ ମଇଦାନ କପ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଆମେ ୫୦ଟି ସ୍କୁଲରେ ଖେଳ ପଡ଼ିଆର ବିକାଶ କରୁଛି । ଯାହ ମୋତେ ବ୍ୟକ୍ତିଗତ ଭାବେ ଢେର ଆତ୍ମସନ୍ତୋଷ ଦେଇଛି । ଗ୍ରାମୀଣ ମହିଳାଙ୍କ ସଶକ୍ତୀକରଣ କ୍ଷେତ୍ରରେ କାମ କରୁଥିବା ମାନ୍ ଦେଶୀ ପ୍ରତିଷ୍ଠାନ ଏବଂ ସଚିନ ତେନ୍ଦୁଲକର ଫାଉଣ୍ଡେସନର ମିଳିତ ପ୍ରୟାସରେ ଏହି କାର୍ଯ୍ୟ ହାତକୁ ନେଇଥିଲେ । ସୂଚନାଯୋଗ୍ୟ ଯେ ନିକଟରେ ଛତିଶଗଡ଼ରେ ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ସଫଳତାର ସହ ଆୟୋଜିତ ହୋଇସାରିଛି ।






# କାର୍ଟୁନପ୍ରିୟ ବୈଭବ

ସେ ଜଣେ ବିସ୍ଫୋରକ ବ୍ୟାଟର । କଥା କୁହେ ତାଙ୍କ ବ୍ୟାଟ୍ । ଜବରଦସ୍ତ ଓପନର । ଆଉ ତାଙ୍କର ଏହି ଅନ୍ଦାଜ ତାଙ୍କୁ କରିଛି ଖାସ୍ । ବିସ୍ମୟ ବାଳକ ଏବେ ୧୫ । ବିଶ୍ୱର ନାମୀଦାମୀ ବୋଲରଙ୍କୁ ବି ଛାଡନ୍ତିନି । ପ୍ରତିଟି ପେସରଙ୍କୁ କରନ୍ତି ପ୍ରଚଣ୍ଡ ପ୍ରହାର । ମୈଦାନର୍ କେବଳ ଗୋଟିଏ ଲକ୍ଷ୍ୟ କେବଳ କ୍ରିକେଟ । ଫୋକସ କେବଳ ଭଲ ଉପରେ । ଶାନ୍ତ ସ୍ୱଭାବ ପ୍ରକୃତି । ବେଶ୍ କଥା ନକହୁଥିଲେ ବି, ବ୍ୟାଟ୍ କିନ୍ତୁ ଅନର୍ଗଳ କହେ । ଅନ୍ତରାଷ୍ଟ୍ରୀୟ ମ୍ୟାଚରେ ସିନା ସେ ମାହିର, କିନ୍ତୁ ଏବେ ବି ପାଖରେ ରହିଛି ପିଲାଳିଆମୀ ଅଭ୍ୟାସ୍ । ଛୋଟ ପିଲାଙ୍କ ପରି ତାଙ୍କର ଅଭ୍ୟାସ । ବୟସ ବଢିଲେ ବି ସେ ଛାଡି ପାରୁନାହାଁନ୍ତି ତାଙ୍କର ଅଭ୍ୟାସ । ଏହି ଅଭ୍ୟାସ ହେଉଛି ପ୍ରତି ଘରର ପିଲାଙ୍କ ପରି । ଏକଥା ନିଜେ ଖୁଲାସା କରିଛନ୍ତି ବୈଭବ । ଏପ୍ରିଲ ୨୨ ତାରିଖରେ ଏକନା ଷ୍ଟାଡିୟମରେ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ବିପକ୍ଷରେ ମ୍ୟାଚ୍ ପରେ ୧୫ ବର୍ଷୀୟ ରାଜସ୍ଥାନ ରୟାଲ୍ସ ବ୍ୟାଟସମ୍ୟାନ୍ କହିଛନ୍ତି । ବୈଭବଙ୍କ କହିବା କଥା ସେ ଏବେ ବି କାର୍ଟୁନ୍ ଦେଖନ୍ତି । କାରଣ କାର୍ଟୁନ୍ ଦେଖିବାକୁ ସେ ବହୁତ ଭଲ ପାଆନ୍ତି । ଖୋଲାଖୋଲି ସେ କହିଥିଲେ କି, ଯେମିତି ଛକା ମାରିବା ମୋର ହବି, କାର୍ଟୁନ ଦେଖିବା ବି ମୋର ଭାରି ପସନ୍ଦ । ଷ୍ଟାର ସ୍ପୋର୍ଟସ ସହିତ ଏକ ସାକ୍ଷାତକାରରେ ବୈଭବ ସୂର୍ଯ୍ୟବଂଶୀ ତାଙ୍କର କାର୍ଟୁନ ଦେଖିବା ଅଭ୍ୟାସ ବିଷୟରେ କହିଥିଲେ । ତାଙ୍କୁ ପଚରାଯାଇଥିଲା, ଯେଉଁ ବୟସରେ ପିଲାମାନେ କାର୍ଟୁନ ଦେଖନ୍ତି, ସେହି ବୟସରେ ଆପଣ ବୋଲରଙ୍କ କାର୍ଟୁନ ଆଙ୍କୁଛନ୍ତି । ଆପଣ ଏହା କିପରି କରନ୍ତି? ଆପଣଙ୍କ ମନରେ କ'ଣ ଯାଏ? ଏହି ପ୍ରଶ୍ନର ଉତ୍ତରରେ ବୈଭବ ସୂର୍ଯ୍ୟବଂଶୀଙ୍କ ଉତ୍ତର ଆଶ୍ଚର୍ଯ୍ୟଜନକ ଥିଲା । ସେ କହିଥିଲେ, ଆପଣଙ୍କ ମନରେ କିଛି ଯାଏ ନାହିଁ । ଏବେ ମଧ୍ୟ ସେ ପ୍ରତ୍ୟେକ ମ୍ୟାଚ୍ ପୂର୍ବରୁ କାର୍ଟୁନ ଦେଖନ୍ତି । କାରଣ ମୁଁ କାର୍ଟୁନ ଦେଖିବାକୁ ବହୁତ ଭଲପାଏ । କିନ୍ତୁ ମୁଖ୍ୟ ଧ୍ୟାନ ମ୍ୟାଚ୍ ଉପରେ । ବାମହାତୀ ବ୍ୟାଟସମ୍ୟାନ୍ ବୈଭବ ସୂର୍ଯ୍ୟବଂଶୀ ଆହୁରି କହିଛନ୍ତି ଯେ ଦଳର ସମସ୍ତେ ଏବେ ପରବର୍ତ୍ତୀ ମ୍ୟାଚ୍ ଉପରେ ଧ୍ୟାନ ଦେଇଛନ୍ତି । ସେମାନେ ବିଜୟ ପାଇଁ ଦୁଇଟି ପଏଣ୍ଟ ନେବେ ଏବଂ ପ୍ଲେଅଫ୍ ଆଡ଼କୁ ଆଗକୁ ଯିବେ ।



## ବୈଭବଙ୍କ ପ୍ରଦର୍ଶନ

କାର୍ଟୁନ୍ ପ୍ରତି ତାଙ୍କର ପ୍ରେମ ବିଷୟରେ କଥାବାର୍ତ୍ତା କରୁଥିବା ବୈଭବ ସୂର୍ଯ୍ୟବଂଶୀଙ୍କ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ବିପକ୍ଷ ମ୍ୟାଚରେ ଖରାପ ପ୍ରଦର୍ଶନ ଥିଲା । ମୋହସିନ୍ ଖାନ ଆଇପିଏଲରେ ପ୍ରଥମ ବୋଲର ହୋଇଥିଲେ ଯିଏ ତାଙ୍କ ଉପରେ ମେଡେନ୍ ବୋଲିଂ କରି ତାଙ୍କର ଓ୍ୱିକେଟ୍ ନେଇଥିଲେ । ବୈଭବ ସୂର୍ଯ୍ୟବଂଶୀ ମ୍ୟାଚରେ ମାତ୍ର ୧୧ ବଲର ସମ୍ମୁଖୀନ ହୋଇଥିଲେ ଏବଂ ମାତ୍ର ୮ ରନ୍ କରିଥିଲେ । ଆଇପିଏଲ୍ ୨୦୨୬ରେ ବୈଭବ ସୂର୍ଯ୍ୟବଂଶୀ ରାଜସ୍ଥାନର ସବୁଠାରୁ ସଫଳ ବ୍ୟାଟସମ୍ୟାନ୍ । ସେ ୭ ମ୍ୟାଚରେ ୭ ଇନିଂସରେ ୨୫୪ ରନ୍ କରିଥିଲେ, ଯେଉଁଥିରେ ୨ ଅର୍ଦ୍ଧଶହରୁ ଅଧିକ ସ୍କୋର ଥିଲା । ଏହି ପରିସଂଖ୍ୟାନ ସହିତ, ସେ ଆଇପିଏଲ୍ ୨୦୨୬ ପାଇଁ ଅରେଞ୍ଜ କ୍ୟାପ୍ ଜିତିବା ଦୌଡ଼ରେ ରହିଛନ୍ତି ।

ଗ୍ଲାମର ଦୁନିଆର ସବୁଠାରୁ ବଡ଼ ମଞ୍ଚ 'ଫେମିନା ମିସ୍ ଇଣ୍ଡିଆ ୨୦୨୬'ର ମୁକୁଟ ପିନ୍ଧି ସାଧ୍ୱୀ ସତୀଶ ଆଜି କେବଳ ଏକ ପରିଚିତ ନାମ ନୁହଁନ୍ତି, ବରଂ କୋଟି କୋଟି ଯୁବତୀଙ୍କ ପାଇଁ ଏକ ପ୍ରେରଣା ପାଲଟିଛନ୍ତି । ଏକ ସାଧାରଣ ମଧ୍ୟବିତ୍ତ ପରିବାରରୁ ଆସିଥିବା ସାଧ୍ୱୀଙ୍କର ଏହି ଯାତ୍ରା ଆଦୌ ସହଜ ନଥିଲା । ପିଲାଦିନରୁ ମଡେଲିଂ ପ୍ରତି ରୁଚି ରଖିଥିବା ସାଧ୍ୱୀଙ୍କୁ ନିଜର ବ୍ୟକ୍ତିଗତ ଜୀବନରେ ଅନେକ ଆହ୍ୱାନର ସାମ୍ନା କରିବାକୁ ପଡ଼ିଥିଲା । ପରିବାରର ଆର୍ଥିକ ସଙ୍କଟ ଏବଂ ସମାଜର ରକ୍ଷଣଶୀଳ ମନୋଭାବ ସତ୍ତ୍ୱେ ସେ କେବେ ହାର ମାନିନଥିଲେ । ନିଜର ପାଠପଢ଼ା ଜାରି ରଖିବା ସହିତ ସେ ଛୋଟ ଛୋଟ ପାର୍ଟ-ଟାଇମ୍ କାମ କରି ନିଜର ମଡେଲିଂ ପ୍ରଶିକ୍ଷଣ ପାଇଁ ଅର୍ଥ ଯୋଗାଡ଼ କରୁଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କୁ ଅନେକ ଅଡିସନ୍‌ରୁ ପ୍ରତ୍ୟାଖ୍ୟାନ କରାଯାଇଥିଲା, କିନ୍ତୁ ପ୍ରତିଟି ବିଫଳତାକୁ ସେ ସଫଳତାର ସିଡ଼ି ଭାବେ ଗ୍ରହଣ କରିଥିଲେ । ତାଙ୍କର ଏଭଳି ବି ଦିନ ଥିଲା ଯେ ସେ ଗୋଟିଏ ଓଳି ଖାଇ ଅନ୍ୟ ପଇସାରେ ଶରୀର ଓ ଚେହେରାର ଯତ୍ନ ନେବାକୁ ପଡୁଥିଲା । ତଥାପି ନିଜ ଆଖିରେ ଥିବା ସ୍ୱପ୍ନ ତାଙ୍କୁ କେବେ ଶୋଇବାକୁ ଦେଇନଥିଲା । ସାଧ୍ୱୀଙ୍କ ମଡେଲିଂ କ୍ୟାରିୟର ସ୍ଥାନୀୟ ଫ୍ୟାଶନ ଶୋ'ରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ତାଙ୍କର ଆତ୍ମବିଶ୍ୱାସ ଏବଂ ଚମତ୍କାର ଚାଲିଚଳନ ସମସ୍ତଙ୍କୁ ମୁଗ୍ଧ କରିଥିଲା । ଜଣେ ସଫଳ ମଡେଲ ହେବା ପାଇଁ ସେ କେବଳ ବାହ୍ୟ ସୌନ୍ଦର୍ଯ୍ୟ ନୁହେଁ, ବରଂ ନିଜର ବୁଦ୍ଧିମତା ଏବଂ ବ୍ୟକ୍ତିତ୍ୱ ଉପରେ ମଧ୍ୟ ବହୁତ କାମ କରିଥିଲେ । ମିସ୍ ଇଣ୍ଡିଆ ମଞ୍ଚରେ ତାଙ୍କର ପ୍ରତିଟି ଉତ୍ତରରେ ସାମାଜିକ ସଚେତନତା ଏବଂ ଦୟାଭାବ ସ୍ପଷ୍ଟ ଭାବେ ବାରି ହୋଇପଡୁଥିଲା । ବିଶେଷ କରି ମହିଳା ସଶକ୍ତିକରଣ ଏବଂ ଶିକ୍ଷା କ୍ଷେତ୍ରରେ କାମ କରିବା ପାଇଁ ତାଙ୍କର ଯେଉଁ ସଂକଳ୍ପ ରହିଛି, ତାହା ବିଚାରକମାନଙ୍କୁ ବହୁତ ପ୍ରଭାବିତ କରିଥିଲା । ଏହି ପ୍ଲାଟଫର୍ମରେ ବିଜୟ ହେବା ପରେ ତାଙ୍କ କ୍ୟାରିୟରକୁ ଏକ ଭଲ ଦିଗ ମିଳିବ ବୋଲି ସେ ଆଶା ରଖିଛନ୍ତି । ସେହିଭଳି ସୋସିଆଲ ମିଡିଆରେ ସେ ଅନେକ ପ୍ରଶଂସା ସାଉଁଟୁଥିବା ଦେଖିବାକୁ ମିଳୁଛି । ସାରା ଦେଶର ୩୦ ଜଣ ପ୍ରତିଯୋଗୀଙ୍କୁ ପଛରେ  ସେ ଏହି ମୁକୁଟ ପାଇବାରେ ସଫଳ ହୋଇପାରିଛନ୍ତି । ସେ ଏକ ପ୍ରତିଷ୍ଠିତ କାନାଡ଼ା ବିଶ୍ୱବିଦ୍ୟାଳୟରୁ ଅର୍ଥଶାସ୍ତ୍ର ଏବଂ ଆନ୍ତର୍ଜାତୀୟ ସମ୍ପର୍କରେ ଡବଲ୍ ମେଜର କରିବା ସହ ସାତୋଟି ଭାଷାରେ ଦକ୍ଷତା ହାସଲ କରିଛନ୍ତି । କେବଳ ପାଠପଢ଼ାରେ ନୁହେଁ, ବରଂ ମାତ୍ର ତିନି ବର୍ଷ ମଧ୍ୟରେ ଏକାକୀ ୧୦ଟି ଦେଶ ଭ୍ରମଣ କରି ବିଭିନ୍ନ ସଂସ୍କୃତିକୁ ଅନୁଭବ କରିଛନ୍ତି । ସାଧ୍ୱୀ ଜଣେ ସଫଳ ମଡେଲ୍ ଭାବେ ଅନେକ ର୍‌ୟାମ୍ପ ଶୋ' ଏବଂ 'କାଲିଫର୍ଣ୍ଣିଆ ବୁରିଟୋ' ଭଳି ବ୍ରାଣ୍ଡ ପାଇଁ କାମ କରିଛନ୍ତି । ଏହି ଗ୍ଲାମର ଦୁନିଆରେ ପାଦ ଦେବା ପୂର୍ବରୁ ସେ ନିଜ ଶରୀରର ଓଜନ ପ୍ରାୟ ୧୦ କିଲୋରୁ ଅଧିକ ହ୍ରାସ କରି ନିଜ ଫିଟନେସ୍ ଉପରେ କାମ କରିବା ସହ ନିଜ ଆତ୍ମବିଶ୍ୱାସକୁ ଦ୍ୱିଗୁଣିତ କରି ଏକ ନିଆରା ପରିଚୟ ସୃଷ୍ଟି କରିପାରିଛନ୍ତି ।

**ଅନେକ ପ୍ରତିଯୋଗୀଙ୍କୁ ପଛରେ ପକାଇ 'ଫେମିନା ମିସ୍ ଇଣ୍ଡିଆ ୨୦୨୬'ର ବିଜେତା ମୁକୁଟ ପିନ୍ଧିଛନ୍ତି ଗୋଆର ସାଧ୍ୱୀ ସତୀଶ । ଭୁବନେଶ୍ୱରରେ ଆୟୋଜିତ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ହୋଇ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ସାଧ୍ୱୀ ।**

# ସଂଘର୍ଷରୁ ସଫଳତା

